ବର୍ଷ-୨୬, ସଂଖ୍ୟା-୪୨
ଭୁବନେଶ୍ୱର
୧୨, ଫେବୃଆରୀ, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 42
Bhubaneswar
12 February, 2026 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



ଆଫଗାନିସ୍ତାନ ନିରାଶ

## କୋଟିପତି କିରାଣୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଭୁବନେଶ୍ୱର, ୧୧।୨ (ମହାଭାରତ): ଭିଜିଲାନ୍ସ ପଞ୍ଝାରେ ପଡ଼ିଥିବା ଅନୁଗୁଳ ଜିଲ୍ଲା ସିଡିଏମଓ କାର୍ଯ୍ୟାଳୟର କନିଷ୍ଠ ସହାୟକଙ୍କ ସୁବ୍ରତ ବେହେରାଙ୍କର ପୁଳା ପୁଳା ସମ୍ପତ୍ତି ଠାବ ହୋଇଛି । ସରକାରୀ ଅର୍ଥକୁ ଆତ୍ମସାତ୍ କରି ଗଢ଼ିଛନ୍ତି ଆରାମ ଦାୟକ ଦାମୀ କୋଠା ଏବଂ ରଖିଛନ୍ତି ପୁଳା ପୁଳା ସୁନା ।

ଅନୁଗୁଳ ଜିଲ୍ଲା ସିଡିଏମ୍ଓ କାର୍ଯ୍ୟାଳୟର କନିଷ୍ଠ ସହାୟକ ସୁବ୍ରତ



କୁମାର ବେହେରା ୨ କୋଟି ୩୮ ଲକ୍ଷ ସରକାରୀ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା । ଏହା ପରେ ଭିଜିଲାନ୍ସ ଚଢ଼ଉ କରିଛି । ଆଜି ସକାଳୁ ସୁବ୍ରତ ବେହେରାଙ୍କର ୫ ଟି ଠିକଣାରେ ଚଢ଼ଉ କରାଯାଇଥିଲା । ଅନୁଗୁଳ, ଢେଙ୍କାନାଳ ଏବଂ ଭୁବନେଶ୍ୱରରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରିଛି । ନାଲକୋ ନଗର ଥାନା ଅଧିନସ୍ଥ ବୋଣ୍ଡା ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘର, ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ ବାଁଉଶପୋଖରୀ ଗ୍ରାମରେ ଥିବା ପୈତୃକ ବାସଭବନ, ଭୁବନେଶ୍ୱର ଶ୍ରୀବିହାରରେ ଥିବା ସମ୍ପର୍କୀୟଙ୍କ ଭଡ଼ା ଘର ଏବଂ ଅନୁଗୁଳ ସିଡିଏମ୍ଓ କାର୍ଯ୍ୟାଳୟରେ ଥିବା ଅଫିସ୍ ରୁମରେ ଚଢ଼ଉ ହୋଇଛି । ଯାଞ୍ଚବେଳେ ପୁଳା ପୁଳା ସମ୍ପତ୍ତି ଲାଗିଛି । ଅନୁଗୁଳ ଟାଉନ ହାକିମପଡ଼ାରେ ଥିବା ୪୫୦୦ ବର୍ଗ ଫୁଟରେ ତିନି ମହଲା କୋଠା, ୪୫୦ ଗ୍ରାମ ସୁନା ଅଳଙ୍କାର, ସ୍କୋଡା କମ୍ପାନୀର ଦାମୀ କାର, ୩ଟି ଦୁଇ ଚକିଆ ଯାନ ଓ ବ୍ୟାଙ୍କ ପାସ ବୁକ୍, ଡାକ ଜମା ଏବଂ ଅନ୍ୟାନ୍ୟ ଜମା ରାଶି ମିଳିଛି । ଖବର ଲେଖାଯିବା ବେଳେକୁ ସମ୍ପତ୍ତିର ଆକଳନ କରାଯାଇନଥିଲା । ଏହି ଚଢ଼ଉରେ ଭିଜିଲାନ୍ସ ବିଭାଗର ୫ ଜଣ ଡିଏସପି, ୮ ଇନସ୍ପେକ୍ଟର, ୧୪ ଏଏସ୍ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ଅଛନ୍ତି । ଶ୍ରୀ ବେହେରା ୨୦୧୧ ରୁ ୨୦୧୭ ମସିହା, ମାତ୍ର ୬ ବର୍ଷ ମଧ୍ୟରେ ତାଙ୍କ ଦରମାରୁ ଅଧିକ ଟଙ୍କା ଉଠାଇ ୨.୩୮ କୋଟି ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି । ସେହି ଟଙ୍କା ଏସବିଆଇର ଅନୁଗୁଳ ଶାଖାର ପରିଚାଳିତ ଦରମା ଆକାଉଣ୍ଟରେ ଜମା କରାଯାଇଛି । ଏହି ଟଙ୍କା ହଡ଼ପ କରିବା ପରେ ସେ ଅକ୍ଟୋବର ୨୦୨୫ ରୁ ଫେରାର ଥିଲେ । ୨୦୦୭ ସେପ୍ଟେମ୍ବର ୧୦ରେ ସୁବ୍ରତ ଆଠମଲ୍ଲିକର କାର୍ଯ୍ୟାଳୟ ଏସଡିଏମଓରେ ଜୁନିଅର ସହାୟକ ଭାବରେ ଯୋଗ ଦେଇଥିଲେ । ତାଙ୍କର ପ୍ରାରମ୍ଭିକ ମାସିକ ଦରମା ମାତ୍ର ୮,୦୦୦ ଟଙ୍କା ଥିଲା । ସେଠାରେ ଜୁନିଅର ସହାୟକ ପଦବୀରେ କାର୍ଯ୍ୟ କରୁଥିଲେ । ୨୦୦୯ ରେ ତାଙ୍କୁ ତାଳଚେରର କାର୍ଯ୍ୟାଳୟ ଏସଡିଏମଓ ଓ ୨୦୧୧ରେ ଅନୁଗୁଳର କାର୍ଯ୍ୟାଳୟ ଏସଡିଏମଓରେ ଜୁନିଅର ସହାୟକ ଭାବରେ ବଦଳି କରାଯାଇଥିଲା ।

# ଦୀନଦୟାଲଜୀଙ୍କ ଗରିବଙ୍କ ଉତ୍ଥାନ ପାଇଁ ସର୍ବଶ୍ରେଷ୍ଠ ମଡେଲ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୧।୨ (ମହାଭାରତ):** ରାଷ୍ଟ୍ର ସେବା ପାଇଁ ସମର୍ପିତ ଥିବା ଭାରତୀୟ ଜନସଂଘର ସହ ସଂସ୍ଥାପକ ତଥା ଭାରତୀୟ ଜନସଂଘର ପ୍ରଥମ ସଂଗଠନ ସଂପାଦକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଆଜି ହେଉଛି ୫୮ତମ ପୂଣ୍ୟତିଥି । ଆଜିର ଦିନକୁ ଭାରତୀୟ ଜନତା ପାର୍ଟୀ ତରଫରୁ ସମଗ୍ର ଦେଶରେ ସମର୍ପଣ ଦିବସ ଭାବେ ପାଳନ କରାଯାଉଛି ବୋଲି ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମହାନ ଚିନ୍ତାନାୟକ ତଥା ଏକାତ୍ମମାନବବାଦର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଅବସରରେ 'ସମର୍ପଣ ଦିବସ -୨୦୨୬' କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଉତରପ୍ରଦେଶର ମଥୁରାରୁ ୨୫ କିଲୋମିଟର ଦୂର ନଗହୀଚନ୍ଦ୍ରଭାନ୍ ଗ୍ରାମରେ ୧୯୧୬ ମସିହା ସେପ୍ଟେମ୍ବର ୨୫ ତାରିଖରେ ଜନ୍ମଗ୍ରହଣ କରିଥିବା ପଣ୍ଡିତ ଦୀନଦୟାଲ ଜୀ ନିଜେ ସାରା ଜୀବନକୁ ରାଷ୍ଟ୍ର ସେବା ପାଇଁ ସମର୍ପିତ କରିଦେଇଥିଲେ । ଆର୍ଥିକ ଅନଗ୍ରସର ବ୍ୟକ୍ତିର ସର୍ବାଙ୍ଗିନ ବିକାଶ ପାଇଁ ପଣ୍ଡିତ ଦୀନଦୟାଲ ଜୀ କାର୍ଯ୍ୟ କରୁଥିଲେ । ଗରୀବ କଲ୍ୟାଣ ମୂଳକ କାର୍ଯ୍ୟର ସଫଳ ରୂପାୟନ କରିବା ପଛରେ ପଣ୍ଡିତ ଦୀନଦୟାଲ ଜୀ ଙ୍କ ଦର୍ଶନ ଶାସ୍ତ୍ର ହିଁ ମୂଳ ଆଧାର । ପଣ୍ଡିତ ଦୀନଦୟାଲ ଜୀ ଙ୍କ ଏକାତ୍ମମାନବବାଦ ଦର୍ଶନ ଏବଂ ସମାଜର ଶେଷ ବ୍ୟକ୍ତିର ଉତ୍ଥାନ ଅନ୍ତ୍ୟୋଦୟ ବିଚାରଧାରାକୁ ପ୍ରୋତ୍ସାହିତ କରିବା ଥିଲା ତାଙ୍କ ମହତ ଉଦ୍ଦେଶ୍ୟ । ସ୍ୱଦେଶୀ ଭାବନା ଓ ଭାରତୀୟ ସଂସ୍କୃତି ଆଧାରିତ ରାଷ୍ଟ୍ରଚିନ୍ତନକୁ ଦୃଢ ଓ ତଥ୍ୟ ପୂର୍ଣ୍ଣ ଅର୍ଥରେ ପରିପ୍ରକାଶ କରି ଏହାର ମହାନତାକୁ ସାବ୍ୟସ୍ତ



କରିବା ହେଲା ଏକାତ୍ମମାନବବାଦର ମୂଳ ଲକ୍ଷ୍ୟ । ଭାରତୀୟ ଜନସଂଘର ନୀତି ଓ ସିଦ୍ଧାନ୍ତ ଉପସ୍ଥାପନା କରିବାକୁ ଯାଇ ପଣ୍ଡିତ୍ ଦୀନଦୟାଲଜୀ ଏକାତ୍ମମାନବବାଦ ଦର୍ଶନ ପ୍ରସ୍ତୁତ କରିଥିଲେ । ଦୀନଦୟାଲଙ୍କ ଏକାତ୍ମମାନବବାଦ ଗରିବଙ୍କ ଉତ୍ଥାନ ପାଇଁ ସର୍ବଶ୍ରେଷ୍ଠ ମଡେଲ ଅଟେ । ଅନ୍ତ୍ୟୋଦୟ ଦର୍ଶନର ପରିକଳ୍ପନା ଓ ପ୍ରଣୟନ ପଣ୍ଡିତ ଦୀନଦୟାଲଜୀ ଙ୍କ ଏକ ଅଭୂତପୂର୍ବ ସଫଳତା । ସମାଜର ଅର୍ଥନୈତିକ ଶିଡିର ସବୁଠାରୁ ତଳ ସୋପାନରେ ଥିବା ଅନଗ୍ରସର ବ୍ୟକ୍ତିର ସର୍ବାଙ୍ଗିନ ବିକାଶ ପାଇଁ ପଣ୍ଡିତ ଦୀନଦୟାଲ ଜୀ କାର୍ଯ୍ୟ କରୁଥିଲେ । ୧୯୮୫ ମସିହାରେ ଭାରତୀୟ ଜନତା ପାର୍ଟି ଏହାକୁ ନିଜର ବୈଚାରିକ ସିଦ୍ଧାନ୍ତ ଭାବରେ ଗ୍ରହଣ କରି ପଂଚନିଷ୍ଠାରେ ସ୍ଥାନିତ କରିଛି । ପରବର୍ତୀ ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ ଏବଂ ବର୍ତମାନ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ମହାନ ଦର୍ଶନକୁ ଆଧାର କରି ଦେଶ ତଥା ଦେଶବାସୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ମଧ ଦୀନଦୟାଲଜୀ ଙ୍କ ଅନ୍ତ୍ୟୋଦୟ ପରିକଳ୍ପନାକୁ ଆଧାର କରି ବହୁ ସଫଳତା ପାଇଛନ୍ତି । ବିଶେଷ ଭାବେ ଦେଶରେ ବସବାସ କରୁଥିବା ଗରିବ ଓ ଆର୍ଥିକ ଅନଗ୍ରସରଙ୍କ ପାଇଁ ବହୁ ଗରିବକଲ୍ୟାଣ ମୂଳକ ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରିଛନ୍ତି । ଗ୍ରାମାଂଚଳର ବିକାଶକୁ ପ୍ରାଧାନ୍ୟ, ବାସହୀନ ଗରିବଙ୍କୁ ପକ୍କାଘର, ସମସ୍ତଙ୍କୁ ଶସ୍ତା ବିଜୁଳି ଓ ପାନୀୟ ଜଳ ଯୋଗାଣ, ସମସ୍ତଙ୍କ ଘରେ ପାଇଖାନା ଓ ରୋଷେଇ ଗ୍ୟାସ ଯୋଗାଣ, ଜାତୀୟ ଜୀବିକା ମିଶନରେ ସମସ୍ତଙ୍କୁ କାମ ଓ ରୋଜଗାର, ମହିଳା ସଶକ୍ତିକରଣ ଆଦି ଗରୀବକଲ୍ୟାଣମୂଳକ କାର୍ଯ୍ୟର ସଫଳ ରୂପାୟନ କରିବା ପଛରେ ପଣ୍ଡିତ ଦୀନଦୟାଲଜୀ ଙ୍କ ଦର୍ଶନ ଶାସ୍ତ୍ର ହିଁ ମୂଳ ଆଧାର । ଗ୍ରାମାଂଚଳରେ ସେବା କରୁଥିବା ଗରିବ ଏବଂ ସମାଜର ଅବହେଳିତ ବ୍ୟକ୍ତିମାନଙ୍କ ପ୍ରତି ଦୀନଦୟାଲଜୀ ଙ୍କ ସଂକଳ୍ପବଦ୍ଧତାକୁ ସ୍ମରଣ କରିବା ହେଉଛି ସମର୍ପଣ ଦିବସର ମୂଳ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

ଏହି ସମର୍ପଣ ଦିବସରେ ରାଜ୍ୟ ସଭାପତିମନମୋହନ ସାମଲ ଯୋଗ ଦେଇ କହିଛନ୍ତି ଯେ, ପଣ୍ଡିତ ଦୀନଦୟାଲ ଜୀ ଜଣେ ଅଦ୍ୱୈତ୍ୟ ସଂଗଠକ ଥିଲେ । ସେ ଭାରତୀୟ ଜନତା ସଂଘର ପ୍ରାଣ ପ୍ରତିଷ୍ଠାତା ଅଟନ୍ତି । ଭାରତବର୍ଷରେ ମୂଲ୍ୟଭିତିକ ରାଜନୀତି ସେ ଆରମ୍ଭ କରିଥିଲେ । କାଶ୍ମୀରରେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଯେତେବେଳେ ବଳିଦାନ ହେଲା ସେ ସମୟରେ ଦୀନଦୟାଲ ଉପାଧ୍ୟାୟ ଜୀ ଦଳର ମଙ୍ଗ ଧରିଥିଲେ । ସେ ଅଟଳ ବିହାରୀ ବାଜପେୟୀ ଙ୍କୁ ନେତୃତ୍ୱ ଭାବେ ପ୍ରସ୍ତୁତ କରିଥିଲେ । ଦୀନଦୟାଲ ଉପାଧ୍ୟାୟଜୀ ଙ୍କୁ ୧୯୬୮ ମସିହା ଫେବୃଆରୀ ୧୧ ତାରିଖରେ ମୋଗଲ ସରାଇ ରେଳଷ୍ଟେସନରେ ହତ୍ୟା କରାଯାଇଥିଲା । ଏକାତ୍ମମାନବବାଦର ବିଚାରଧାରାକୁ ସ୍ମରଣ କରିବା ପାଇଁ ଏହି ସମର୍ପଣ ଦିବସ ପାଳନ ହୋଇଛି । ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଜୀ ଙ୍କ ନୀତି ଆଦର୍ଶ ଓ ବିଚାରରେ ଅନୁପ୍ରାଣିତ ହୋଇ ଆଜି ଏହି ମହାନ ଦିବସରେ ସମାଜ ପାଇଁ ଆମେ ସମସ୍ତେ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେବା । ଏହା ହିଁ ହେବ ପଣ୍ଡିତଜୀଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ।

## ସତ୍ୟବ୍ରତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ

ଭୁବନେଶ୍ୱର, ୧୧।୨ (ମହାଭାରତ): ରାଜଧାନୀ ଭୁବନେଶ୍ୱର ନୀଳାଦ୍ରିବିହାର ସତ୍ୟବ୍ରତ ହତ୍ୟା ଘଟଣା ଉପରୁ ପୁଲିସ୍ ପର୍ଦ୍ଦା ଉଠାଇଛି । କେମିତି ହେଇଥିଲା ହତ୍ୟାକାଣ୍ଡ ତାହା ଜଣାପଡିଛି । ଏନେଇ ଗତକାଲିଠୁ ଲିଜା-ଦିନେଶଙ୍କୁ ଏକାଠି ଜେରା କରୁଛି ପୋଲିସ୍ । ଆଉ ଜେରାରେ ଖୋଲିଛି ଚାଞ୍ଚଲ୍ୟକର ତଥ୍ୟ । ଆଜି (ବୁଧବାର) ଏନେଇ ପ୍ରେସମିଟ୍ କରି ସୂଚନା ଦେଇଛନ୍ତି ଭୁବନେଶ୍ୱର ଏସିପି ସୋନାଲ୍ ସିଂ ।

ତ୍ରିକୋଣୀୟ ପ୍ରେମରୁ ସତ୍ୟବ୍ରତକୁ ହତ୍ୟା କରାଯାଇଥିବା ଏସିପି ସୋନାଲ ସିଂ ପରମାର୍ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଦିନେଶ ଏକମାତ୍ର ଅଭିଯୁକ୍ତ ରହିଛି । ଯେଉଁ ଲିଜାଙ୍କୁ ନେଇ ତ୍ରିକୋଣୀୟ ପ୍ରେମ ବୋଲି କୁହାଯାଉଥିଲା, ତାଙ୍କର ହତ୍ୟାରେ କୌଣସି ସମ୍ପୃକ୍ତି ନାହିଁ । ହତ୍ୟାକାଣ୍ଡ ପଛରେ କୌଣସି ଷଡ଼ଯନ୍ତ୍ର ନ ଥିବା ମଧ୍ୟ ସ୍ପଷ୍ଟ ହୋଇଛି । ଦିନେଶ ଗୋଟିଏ ରୁମ୍‌ରେ ଲିଜା ଏବଂ ସତ୍ୟବ୍ରତଙ୍କୁ ପାଇ ଆକ୍ରମଣ କରିଥିଲା । ଲିଜା ସତ୍ୟବ୍ରତଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲା, ତେଣୁ ତାହାର ହତ୍ୟା ସମ୍ପୃକ୍ତି ନାହିଁ । ପୂର୍ବରୁ କିଛି ଦିନ ପାଇଁ ଦିନେଶ ଓ ଲିଜା ଲିଭ୍ ଇନ୍‌ରେ ରହୁଥିଲେ । ଏହାପରେ ଦିନେଶ ତାଙ୍କ ଠାରୁ ଅଲଗା ହୋଇ ଜଗତସିଂହପୁର ଯାଇଥିଲେ । ଯେଉଁଦିନ ଘଟଣା ଘଟିଥିଲା, ସେଦିନ ଲିଜା ଦିନେଶଙ୍କ ଫୋନ୍ ନ ଉଠାଇବାରୁ ସନ୍ଦେହ କରିଥିଲେ । ଏହାପରେ ଦିନେଶ ସିଧା ଲିଜାଙ୍କ ରୁମ୍‌କୁ ଆସି ସେଠାରେ ଲିଜଙ୍କ ସହ ସତ୍ୟବ୍ରତକୁ ଦେଖିବା ପରେ ହତ୍ୟାକାଣ୍ଡ ଘଟାଇଥିଲା । ସତ୍ୟବ୍ରତ ଯେଉଁ କାର୍ ଚଳାଉଥିଲେ ତାହାକୁ ମାଲିକ ନେଲା ବେଳେ ଦୁର୍ଘଟଣା ଘଟିଥିଲା । କାର୍ ମାଲିକ ଯେଉଁ ଡ୍ରାଇଭରଙ୍କୁ ଦେଇଥିଲେ ସେ ମଦ ପିଇ ଦୁର୍ଘଟଣା ଘଟାଇଥିଲେ । ସେପଟେ ଦିନେଶ ନୀଳାଦ୍ରିବିହାରର ଯେଉଁ ଘରେ ଛୁରାମାଡ କରିଥିଲା ତାହା କ୍ରାଇମସିନ୍ ରିକ୍ରିଏସନ୍ କରି ଦେଖାଉଛି ।

## ଟ୍ରେଡ୍ ଡିଲ୍ ନୁହେଁ, ଆତ୍ମସମର୍ପଣ : ରାହୁଲ

ନୂଆଦିଲ୍ଲୀ, ୧୧।୨ (ମହାଭାରତ:: ବେଶ କିଛି ଦିନର ନାରାବାଜୀ ଓ ହଟ୍ଟଗୋଳ ପରେ ଆଜି ଲୋକସଭାରେ ବଜେଟ ଉପରେ ହୋଇଛି ସ୍ୱାଭିବକ ଆଲୋଚନା । ତେବେ ଲୋକସଭାରେ ନିଜର ଅଭିଭାଷଣ ରଖିବା ସମୟରେ କେନ୍ଦ୍ର ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି । ଆମେରିକା ଓ ଭାରତ ମଧ୍ୟରେ ନିକଟରେ ଚୂଡାନ୍ତ ହୋଇଥିବା ବାଣିଜ୍ୟ ଡିଲକୁ ସେ ସମାଲୋଚନା କରିଛନ୍ତି । ଡିଲ ପାଇଁ ସରକାର ଲଜିତ ହେବା କଥା ବୋଲି ସେ କହିଛନ୍ତି । ନିଜ ଆକ୍ରମଣକୁ ତୀବ୍ର କରି ରାହୁଲ ଗାନ୍ଧି କହିଛନ୍ତି ଯେ "କେନ୍ଦ୍ର ସରକାର 'ଭାରତକୁ ବିକ୍ରି' କରି ଦେଇଛନ୍ତି । ଆମେରିକୀୟ ଦ୍ରବ୍ୟକୁ ଭାରତୀୟ ବଜାରରେ ପ୍ରବେଶ ପାଇଁ



ସରକାର ଅନୁମତି ଦେଇ ଚାଷୀଙ୍କ ଜୀବନ ଜୀବିକାକୁ ବିପଦରେ ପକାଇ ଦେଇଛନ୍ତି । ଆପଣ ଭାରତକୁ ବିକ୍ରି କରି ଦେଇଛନ୍ତି । ଭାରତକୁ ବିକ୍ରି କରୁଥିବାରୁ ଆପଣଙ୍କୁ ଲାଜ ଲାଗୁନାହିଁ । ଆପଣ ଆମ ମା'ଙ୍କୁ, ଭାରତ ମାତାଙ୍କୁ ବିକ୍ରି କରିଦେଇଛନ୍ତି ।" ରାହୁଲ ଗାନ୍ଧିଙ୍କ କହିବା କଥା ଯେ ଏହି ଡିଲ ହୋଲସେଲ ଆତ୍ମସମର୍ପଣ । ଡିଲ ବଳରେ ଭାରତର ଶକ୍ତି ସୁରକ୍ଷାକୁ ଆମେରିକା ହାତରେ ନ୍ୟସ୍ତ କରାଯାଇଛି । ଭାରତର ଚାଷୀଙ୍କ ସ୍ୱାର୍ଥକୁ ବୁଝାମଣା କରାଯାଇଛି । ଯଦି ଇଣ୍ଡିଆ ବ୍ଲକ ସରକାର ବାଣିଜ୍ୟ ଡିଲକୁ ନେଇ ଆମେରିକା ସହ ଆଲୋଚନା କରିଥାଆନ୍ତା, ତା'ହେଲେ ନିଶ୍ଚିତ ଭାବେ ଡୋନାଲ୍ଡ ଟ୍ରମ୍ପଙ୍କୁ ଭାରତ ସହ ସମାନ ବ୍ୟବହାର ପ୍ରଦର୍ଶନ କରିବାକୁ କହିଥାଆନ୍ତା ବୋଲି ସେ କହିଛନ୍ତି ।

ରାହୁଲ କହିଛନ୍ତି, "ଏହା ସଂପୂର୍ଣ୍ଣ ଭାବେ ଆତ୍ମସମର୍ପଣ । ଏହା ଏକ ଟ୍ରାଜେଡୀ । କାରଣ ଏହା କେବଳ ପ୍ରଧାନମନ୍ତ୍ରୀଙ୍କ ଆତ୍ମସମର୍ପଣ ନୁହେଁ । ସେ ୧୫୦ କୋଟି ଭାରତୀୟଙ୍କ ଭବିଷ୍ୟକୁ ସରେଣ୍ଡର କରି ଦେଇଛନ୍ତି । ସେ ବିଜେପିର ଆର୍ଥିକ ଆର୍କିଟେକଚରକୁ ସୁରକ୍ଷା ଦେବା ପାଇଁ ଦେଶର ଭବିଷ୍ୟତକୁ ବନ୍ଧା ପକାଇ ଦେଇଛନ୍ତି । ଚାଷୀଙ୍କ ସ୍ୱାର୍ଥରେ ବୁଝାମଣା କରାଯାଇଛି । ଆମେରିକାରୁ କୃଷି ଜାତୀୟ ଦ୍ରବ୍ୟର ବନ୍ୟା ଭାରତୀୟ ମାର୍କେଟକୁ ଆସିବାରୁ ଚାଷୀମାନେ ଗୋଟିଏ ଝଡର ସମ୍ମୁଖୀନ ହେଉଛନ୍ତି । ଭାରତର ବୟନଶିଳ୍ପ ଖତମ ହୋଇଯାଇଛି । ଆମେ ଗୋଟିଏ ସମସ୍ୟା ମୂଳକ ସମୟ ଆଡକୁ ଯାଉଛୁ ଓ ଦେଶକୁ ବିକ୍ରି କରାଯାଉଛି । ଦେଶକୁ ବିକ୍ରି କରି ଦିଆଯାଇଛି । ଦେଶର ତଥ୍ୟକୁ ବିକ୍ରି କରାଯାଇଛି । ଦେଶର ଚାଷୀଙ୍କୁ ବିକି ଦିଆଯାଇଛି ।"

## ଆଜି ଭାରତ ବନ୍ଦ

ଭୁବନେଶ୍ୱର, ୧୧।୨ (ମହାଭାରତ): ଆସନ୍ତାକାଲି ଭାରତ ବନ୍ଦ ରହିବ । ଦେଶର ୧୦ଟି ଟ୍ରେଡ୍ ୟୁନିଅନ୍ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି । ତେଣୁ ଆସନ୍ତାକାଲି ବ୍ୟାଙ୍କ ସେବା, ସରକାରୀ କାର୍ଯ୍ୟକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ପରିବହନ ସେବା ଏବଂ ବଜାର ଗୁରୁତର ଭାବେ ପ୍ରଭାବିତ ହେବାର ଅନୁମାନ କରାଯାଉଛି ।କେନ୍ଦ୍ର ସରକାର ନୂତନ ଶ୍ରମ ଆଇନକୁ ବିରୋଧ କରି ଆନ୍ଦୋଳନର ଡାକରା ଦିଆଯାଇଛି । ଏହି ନୂତନ ଶ୍ରମ ଆଇନ ଦ୍ୱାରା କର୍ମଚାରୀଙ୍କ ଅଧିକାର କ୍ଷୁର୍ଣ୍ଣ ହେବା ସହିତ ନିଯୁକ୍ତି ସୁରକ୍ଷା ମଧ୍ୟ ହ୍ରାସ ପାଇବ । ଏହା କର୍ମଚାରୀଙ୍କୁ ନିଯୁକ୍ତି ଏବଂ ବହିଷ୍କାର କରିବାକୁ ନିଯୁକ୍ତିଦାତାଙ୍କୁ ଅଧିକ ସହାୟକ ହେବ । ତତ ସହିତ କର୍ମଚାରୀଙ୍କ ଦରମା ଏବଂ ସାମାଜିକ ସୁରକ୍ଷାକୁ ନେଇ ଅଭିଯୋଗ କରିଛନ୍ତି । । ଆଇଏନଟିୟୁସି, ଏଆଇଟିୟୁସି, ଏଚ୍ଏମ୍ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଟିୟୁସିସି, ସେୱା, ଏଆଇସିସିଟିୟୁ, ଏଲପିଏଫ୍ ଏବଂ ୟୁଟିୟୁସି ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି । ଟ୍ରେଡ୍ ୟୁନିଅନର ଏହି ବନ୍ଦ ଡାକରାକୁ କୃଷକ ସଂଘ ମଧ୍ୟ ସମର୍ଥନ ଜଣାଇଛି । ବନ୍ଦ ପାଳନରେ ୩୦ କୋଟିରୁ ଉର୍ଦ୍ଧ୍ୱ ଶ୍ରମିକ ସାମିଲ ହେବେ ବୋଲି କୁହାଯାଉଛି । ଓଡ଼ିଶାରେ କଂଗ୍ରେସ ମଧ୍ୟ ଏହି ଆନ୍ଦୋଳକୁ ସମର୍ଥନ ଦେଇଛି । ବନ୍ଦ ଡାକରା ଯୋଗୁଁ ବ୍ୟାଙ୍କ୍ ସେବା ପ୍ରଭାବିତ ହୋଇପାରେ । ତତସହିତ ପରିବହନ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ଗୁରୁତର ପ୍ରଭାବିତ ହୋଇପାରନ୍ତି । ବିଶେଷ କରି ସହରାଞ୍ଚଳରେ ବନ୍ଦର ପ୍ରଭାବ ରହିପାରେ । ତେବେ ଏହି ବନ୍ଦରୁ ଜରୁରୀକାଳୀନ ସେବାକୁ ବାଦ ଦିଆଯାଇଛି । ସମସ୍ତ ମେଡ଼ିକାଲ ଖୋଲା ରହିବ ।

## ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୧୧।୨ (ମହାଭାରତ): ରାଜ୍ୟ ସରକାର ଆଜି ବରିଷ୍ଠ ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି । ଏନେଇ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି । ରାଜ୍ୟ ସରକାର ୨୦୦୮ ବ୍ୟାଚ୍‌ର ଆଇଏଏସ୍ ଭୁପେନ୍ଦ୍ର ସିଂହ ପୁନିଆଙ୍କୁ କ୍ରୀଡ଼ା ଏବଂ ଯୁବ ସେବା ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ଦେଇଛନ୍ତି । ୨୦୦୯ ବ୍ୟାଚ୍‌ର ଆଇଏଏସ୍ ଡ. ପ୍ରଶାନ୍ତ କୁମାର ରେଡ୍ଡୀଙ୍କୁ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦେଇଛନ୍ତି । ୨୦୧୦ ବ୍ୟାଚ୍‌ର ଆଇଏଏସ୍ ରଶ୍ମିତା ପଣ୍ଡାଙ୍କୁ ଏମ୍ଏସଏମ୍‌ଇ ବିଭାଗରେ କମିସନର ତଥା ସଚିବ ଭାବେ ଅବସ୍ଥାପିତ କରିଛନ୍ତି । ସୁରେନ୍ଦ୍ର କୁମାର ମୀନାଙ୍କୁ ସିଏମ୍‌ଜିଆଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି । ୨୦୧୫ ବ୍ୟାଚ୍‌ର ଆବୋଲି ସୁନୀଲ ନରଭଣେଙ୍କୁ ଖଣି ବିଭାଗର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି ।

## ୨୦୨୪-୨୫ରେ ୨୦୬୪ ମହିଳା ମାମଲା

ଭୁବନେଶ୍ୱର, ୧୧।୨ (ମହାଭାରତ): ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ୩୩ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୨୦୨୪-୨୫ ଆର୍ଥିକ ବର୍ଷର ମହିଳା ଅପରାଧ ସମ୍ବନ୍ଧୀୟ ବାର୍ଷିକ ରିପୋର୍ଟ ସାର୍ବଜନୀନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇଥିଲେ । ଅତିଥି ଭାବେ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ସମ୍ପଦ ସ୍ୱାଇଁ ଉପସ୍ଥିତ ଥିବା ବେଳେ କମିଶନର ଅଧକ୍ଷା ଶୋଭନା ମିଶ୍ର କାର୍ଯ୍ୟକ୍ରମକୁ ଅଧକ୍ଷତା କରିଥିଲେ ।

ରିପୋର୍ଟ ଅନୁସାରେ, ୨୦୨୪-୨୫ ଆର୍ଥିକ ବର୍ଷରେ ସମୁଦାୟ ୨୦୬୪ଟି ମହିଳା ସମ୍ବନ୍ଧୀୟ ଅପରାଧିକ ମାମଲା ରୁଜୁ ହୋଇଥିଲା । ସେଥିରୁ ୧୮୭୯ଟି ମାମଲା ସମାଧାନ କରିବାରେ କମିଶନ ସଫଳ ହୋଇଛି ।

ମହିଳାଙ୍କ ବିରୋଧରେ ଘଟୁଥିବା ଅପରାଧମାନଙ୍କ ମଧ୍ୟରେ ଘରୋଇ ହିଂସା ସର୍ବାଧିକ ରହିଛି । ଏହି ବର୍ଷରେ ୮୫୨ଟି ଘରୋଇ ହିଂସା ମାମଲା କମିଶନଙ୍କ ନିକଟରେ ରୁଜୁ ହୋଇଛି । ଯୌତୁକ ଜନିତ ନିର୍ଯ୍ୟାତନା ଓ ପରିତ୍ୟାଗ ସମ୍ବନ୍ଧୀୟ ୬୭୫ଟି ମାମଲା ରୁଜୁ ହୋଇଥିବା ବେଳେ ସେଥିରୁ ୫୮୧ଟିର ସମାଧାନ ହୋଇଛି ।

ଏହାଛଡ଼ା ମହିଳା ଅଧିକାର ଉଲଂଘନର ୧୮୨ଟି ଏବଂ ଅଶୋଭନୀୟ ଆଚରଣର ୧୩୭ଟି ମାମଲା ରୁଜୁ ହୋଇଛି । ଯୌତୁକ ଜନିତ ହତ୍ୟା ୧୨, ସନ୍ଦେହଜନକ ମୃତ୍ୟୁ ୧୪, ଦୁଷ୍କର୍ମ ୨୪, ମିଥ୍ୟା ପ୍ରତିଶ୍ରୁତି ଦେଇ ବିବାହ ନାମରେ ପ୍ରତାରଣା ୩୦, ଅପହରଣ ୨୮, ଜମି ବିବାଦ ଜନିତ ମହିଳା ହିଂସା ୪୮, କର୍ମକ୍ଷେତ୍ରରେ ନିର୍ଯ୍ୟାତନା ୨୫, ମହିଳାଙ୍କୁ ଖରାପ ବ୍ୟବହାର ୫ ଏବଂ ଅନ୍ୟାନ୍ୟ ହିଂସା ସମ୍ବନ୍ଧୀୟ ୩୩ଟି ମାମଲା ରୁଜୁ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି । ସାଇବର ଅପରାଧ ସମ୍ବନ୍ଧୀୟ କୌଣସି ମାମଲା ଏହି ବର୍ଷରେ ରୁଜୁ ହୋଇନାହିଁ ।

ଜିଲ୍ଲା ଭିତ୍ତିକ ତଥ୍ୟ ଅନୁସାରେ, ମହିଳା ହିଂସା ମାମଲାରେ ଭୁବନେଶ୍ୱର ସବୁଠାରୁ ଆଗରେ ରହିଛି । ଏଠାରେ ୨୯୮ଟି ମାମଲା ରୁଜୁ ହୋଇଛି । ପରବର୍ତ୍ତୀ ସ୍ଥାନରେ କଟକ (୨୧୪), ଖୋର୍ଦ୍ଧା (୨୧୦), ପୁରୀ (୧୮୧), ଗଞ୍ଜାମ (୧୨୦), ଭଦ୍ରକ (୧୧୩) ଏବଂ ଯାଜପୁର (୧୦୩) ରହିଛନ୍ତି ।

## ପୀତବାସ ପଣ୍ଡା ହତ୍ୟା ମାମଲାରେ ଜଣଙ୍କୁ ଜାମିନ

ବ୍ରହ୍ମପୁର, ୧୧।୨ (ମହାଭରତ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ୍ ଜଣେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି । ଅଭିଯୁକ୍ତ ଜଣକ ସାର୍ପ ସୁଟରଙ୍କ ବାଇକ୍ ଚୋରି କରିଥିବା ରାଜେନ୍ଦ୍ର ସାହୁ ୫୦ ହଜାର ଟଙ୍କା ଓ ଜଣେ ଜାମିନଦାରଙ୍କ ମୁଚଲିକାରେ ତାଙ୍କୁ ଜାମିନ ମିଳିଛି । ଏହାସହ କୋର୍ଟ ବିଭିନ୍ନ ସର୍ତ୍ତ ନିର୍ଦ୍ଧାରଣ କରିଛନ୍ତି । ଏହି ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସହ ୧୬ଜଣ ଅଭିଯୁକ୍ତ ରହିଛନ୍ତି । ସେଥି ମଧ୍ୟରୁ ରାଜେନ୍ଦ୍ର ଅନ୍ୟତମ ଆଜକୁ ୪ ମାସ ହେବ ସେ ମଧ୍ୟ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହି ଆସୁଛନ୍ତି ।

## ଦୁଇ ସ୍କୁଲରେ ନରସଂହାର

**ସୋଙ୍ଗଖଲା/ ଟମ୍ବଲର ରିଜ୍ (ବ୍ରିଟିଶ କଲମ୍ବିଆ)/, ୧୧।୨ :** ଦୁଇ ଦିନ ତଳେ ପଞ୍ଜାବରେ ଏକ ସ୍କୁଲରେ ଜଣେ ଛାତ୍ର ଗୁଳି କରି ସହପାଠୀକୁ ହତ୍ୟା କରିବା ଘଟଣା ମନରୁ ନ ଲିଭୁଣୁ ଆଜି କାନାଡା ଓ ଥାଇଲାଣ୍ଡରେ ରକ୍ତରଞ୍ଜିତ ହୋଇଛି ସ୍କୁଲ । ଦୁଇ ସ୍କୁଲରେ ଅଚାନକ ହମଲା ଯୋଗୁଁ ୪୪ ଜଣଙ୍କ ମୃତ୍ୟୁ ଘଟିଛି । ଏଥିରେ ପ୍ରାୟ ୨୨ ଜଣ ଛାତ୍ରଛାତ୍ରୀ ଅଛନ୍ତି । ଥାଇଲାଣ୍ଡରେ ୩୪ ଜଣ ଓ କାନାଡାରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି ।

ଥାଇଲ୍ୟାଣ୍ଡର ସୋଙ୍ଗଖଲାରେ ଜଣେ ବନ୍ଧୁକଧାରୀ ଯୁବକର ନାରକୀୟ କାଣ୍ଡ ଦେଖିବାକୁ ମିଳିଛି । ଏକ ସ୍କୁଲରେ ପଶି ଆଖିବୁଜା ଗୁଳିମାଡ଼ କରିବା ଫଳରେ ୨୨ଜଣ ଛାତ୍ରଛାତ୍ରୀଙ୍କ ସମେତ ୩୪ ଜଣଙ୍କ ଜୀବନ ଚାଲିଯାଇଛି । ସ୍ଥାନୀୟ ଗଣମାଧ୍ୟମ ଅନୁଯାୟୀ, ଜଣେ ୧୮ ବର୍ଷୀୟ ଯୁବକ ଏକ 'ଏମ୍-୪' ବନ୍ଧୁକରୁ ଆଖିବୁଜା ଗୁଳିମାଡ଼ କରିଥିଲେ ।

କାନାଡାରେ ବ୍ରିଟିଶ କଲମ୍ବିଆର ଟମ୍ବଲର ରିଜ୍ ଏକ ମାଧ୍ୟମିକ ସ୍କୁଲରେ ଗୁଳିକାଣ୍ଡରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ସମେତ ୧୦ ଜଣଙ୍କ ମୃତ୍ୟୁ ହୋଇଛି ।ଏକ ଘରୁ ଦୁଇ ଜଣଙ୍କ ମୃତଦେହ ମଧ୍ୟ ମିଳିଛି । ସେମାନେ ଗୁଳିକାଣ୍ଡ ସହିତ ଜଡିତ ବୋଲି ବିଶ୍ୱାସ କରାଯାଉଛି ।ରୟାଲ୍ କାନାଡିଆନ୍ ମାଉଂଟେଡ୍ ପୋଲିସ (ଆରସିଏମପି) ମଙ୍ଗଳବାର ଏହା ଘୋଷଣା କରିଛି । କାନାଡିଆନ୍ ପ୍ରେସ୍ ଅନୁଯାୟୀ, ଆରସିଏମପି କହିଛି ଯେ ଗୁଳିକାଣ୍ଡରେ ୨୫ ରୁ ଅଧିକ ଲୋକ ଆହତ ହୋଇଛନ୍ତି, ଯାହାଙ୍କ ମଧ୍ୟରୁ ଦୁଇଜଣଙ୍କ ଜୀବନ ପ୍ରତି ବିପଦପୂର୍ଣ୍ଣ ଆଘାତ ଲାଗିଛି ।

# ନକ୍ସଲଙ୍କ ପାଇଁ ସଂଶୋଧିତ ଆତ୍ମସମର୍ପଣ ଓ ପୁନର୍ବାସ ଯୋଜନା

ଭୁବନେଶ୍ୱର, ୧୧।୨ (ମହାଭାରତ.): ଚଳିତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଓଡ଼ିଶାକୁ ନକ୍ସଲମୁକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏବେ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ କରିଛନ୍ତି । ନକ୍ସଲମାନଙ୍କୁ ଆତ୍ମସର୍ମପଣ ପାଇଁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ଗୃହ ବିଭାଗ ମାତ୍ର ୩ମାସ ମଧ୍ୟରେ ଦ୍ୱିତୀୟଥର ସଂଶୋଧିତ ଆତ୍ମସମର୍ପଣ ଓ ପୁନର୍ବାସ ଯୋଜନାର ବିଜ୍ଞପ୍ତି ଜାରି କରିଛନ୍ତି ଆତ୍ମସମର୍ପଣର ୬୦ ଦିନ ମଧ୍ୟରେ ଥଇଥାନ ପ୍ୟାକେଜ୍ ଚୂଡ଼ାନ୍ତ କରାଯିବ ଓ ୧୮୦ଦିନ ମଧ୍ୟରେ ନିଶ୍ଚିତ ଭାବେ କାର୍ଯ୍ୟକାରୀ କରିବାକୁ ସଂଶୋଧିତ ବିଜ୍ଞପ୍ତି ଜାରି ହୋଇଛି । ଏପରିକି ରାଜ୍ୟବାହାରର ନକ୍ସଲମାନେ ଚାହିଁଲେ ଓଡ଼ିଶାର ଏହି ଥଇଥାନ ପ୍ୟାକେଜର ସମସ୍ତ ସୁବିଧା ନେଇପାରିବେ । ରାଜ୍ୟ ଗୃହ ବିଭାଗ ଗତ ୨୦୨୫ ନଭେମ୍ବର ୨୭ ତାରିଖରେ ଜାରି ସଂଶୋଧିତ ପୁନର୍ବାସ ନୀତିକୁ ମାତ୍ର ତିନିମାସ ମଧ୍ୟରେ ପୁଣିଥରେ ସଂଶୋଧନ କରିଛନ୍ତି । ପୂର୍ବର ସମସ୍ତ ପୁନର୍ବାସ ନୀତି(ଥଇଥାନ ପ୍ୟାକେଜ)କୁ ରଦ୍ଦ କରି ଫେବୃୟାରୀ ୯ ତାରିଖରେ ଜାରି ସଂଶୋଧିତ ପୁନର୍ବାସ ନୀତିକୁ ରାଜ୍ୟ ସରକାର ଅଧିକ ବ୍ୟାପକ ଓ ଆକର୍ଷଣୀୟ କରିଛନ୍ତି ।ଏହି ନୂତନ ନୀତିରେ ନାକେବଳ ପୁରସ୍କାର ରାଶି ବୃଦ୍ଧି କରାଯାଇଛି, ବରଂ ଆତ୍ମସମର୍ପଣକାରୀଙ୍କୁ ନୂଆ । ଜୀବନ ଦେବା ପାଇଁ ଶିକ୍ଷା, ଆବାସ ଓ ସ୍ଥାୟୀ ରୋଜଗାରର ଗ୍ୟାରେଣ୍ଟି ମଧ୍ୟ ଦିଆଯାଇଛି ।କେନ୍ଦ୍ର ଗୃହ ମନ୍ତ୍ରଣାଳୟର ସଦ୍ୟତମ ଗାଇଡଲାଇନ୍ ଅନୁରୂପ ପ୍ରସ୍ତୁତ ଏହି ଥଇଥାନ ପ୍ୟାକେଜ୍ ମାଧ୍ୟମରେ ସରକାର ହିଂସା ଛାଡ଼ି ମୁଖ୍ୟଧାରାରେ ସାମିଲ ହେବାକୁ ନକ୍ସଲମାନଙ୍କୁ ଶେଷ ସୁଯୋଗ ପ୍ରଦାନ କରିଛନ୍ତି ।ଏହା କେବଳ ଏକ ଥଇଥାନ ପ୍ୟାକେଜ୍ ନୁହେଁ, ବରଂ ନକ୍ସଲମାନଙ୍କ ପାଇଁ ସରକାରଙ୍କ ଅନ୍ତିମ ଆହ୍ୱାନ ବୋଲି ଜଣାପଡ଼ିଛି । ଗୃହ ବିଭାଗ ଜାରି କରିଥିବା ବିଜ୍ଞପ୍ତି ଅନୁସାରେ, ଏହି ସଂଶୋଧିତ ଥଇଥାନ ପ୍ୟାକେଜ୍ ବା ପୁନର୍ବାସ ନୀତିରେ ସର୍ବଭାରତୀୟସ୍ତରର କ୍ୟାଡରଙ୍କ



ପାଇଁ ନୂଆ । ନିୟମ ଯୋଡ଼ାଯାଇଛି । ନୂତନ ନିୟମ ଅନୁସାରେ, ଯଦି କୌଣସି ନକ୍ସଲ ଓଡ଼ିଶାର ବାସିନ୍ଦା ନୁହଁନ୍ତି । କିନ୍ତୁ ଓଡ଼ିଶାରେ ସକ୍ରିୟ ଅଛନ୍ତି, ସେମାନେ ମଧ୍ୟ ଏହି ଯୋଜନାରେ ସମସ୍ତ ସୁବିଧା ପାଇପାରିବେ । ସେହିପରି ଓଡ଼ିଶାର ବାସିନ୍ଦା ଯେଉଁମାନେ ଛତିଶଗଡ଼, ମହାରାଷ୍ଟ୍ର ବା ଆନ୍ଧ୍ର ଭଳି ରାଜ୍ୟରେ ସକ୍ରିୟ ଅଛନ୍ତି, ସେମାନଙ୍କୁ ସମ୍ପୃକ୍ତ ଜିଲ୍ଲାର ଏସପିଙ୍କ ପ୍ରମାଣପତ୍ର ଓ ଅନ୍ୟ ରାଜ୍ୟର ନୋ ଅବଜେକ୍ସନ ସାର୍ଟିଫିକେଟ' ଆଧାରରେ ଓଡ଼ିଶାରେ ଆତ୍ମସମର୍ପଣ କରିବାର ସୁବିଧା ମିଳିବ ।

ଏହି ନୂତନ ସଂଶୋଧନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପଡ଼ୋଶୀ ରାଜ୍ୟରୁ ଆସୁଥିବା କ୍ୟାଡରଙ୍କୁ ଆତ୍ମସମର୍ପଣ ପାଇଁ ପ୍ରୋତ୍ସାହିତ କରିବା ଓ ସମଗ୍ର ପ୍ରକ୍ରିୟାକୁ କେନ୍ଦ୍ର ସରକାରଙ୍କ ସୁରକ୍ଷା ସମ୍ବନ୍ଧୀୟ ବ୍ୟୟ (ଏସଆରଇ) ଯୋଜନା ସହ ଅଧିକ ସମନ୍ୱିତ କରିବ ବୋଲି ଜଣାପଡ଼ିଛି ।

ଆତ୍ମସମର୍ପଣକାରୀ ନକ୍ସଲମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ସାମାଜିକ ସୁରକ୍ଷା ବ୍ୟବସ୍ଥା କରିଛନ୍ତି । ସେମାନଙ୍କୁ ୩୬ ମାସ ବା ୩ ବର୍ଷ ପର୍ଯ୍ୟନ୍ତ ମାସିକ ୧୦ହଜାର ଟଙ୍କାର ଷ୍ଟାଇପେଣ୍ଡ୍ ସହ ମାଗଣାରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯିବ । ଅନ୍ତ୍ୟୋଦୟ ଗୃହ ଯୋଜନା'ରେ ଘର, ସ୍ୱାସ୍ଥ୍ୟ କାର୍ଡ ଓ ମାଗଣା ବା ସବସିଡିଯୁକ୍ତ ରାସନ ଯୋଗାଇ ଦିଆଯିବ । ଅବିବାହିତଙ୍କ ପାଇଁ ବିବାହ ନିମନ୍ତେ ୨୫ହଜାର ଟଙ୍କାର ଏକକାଳୀନ ସହାୟତା ରାଶି ମଧ୍ୟ ରହିଛି । ଯଦି କୌଣସି ଦମ୍ପତି ଏକାଠି ଆତ୍ମସମର୍ପଣ କରନ୍ତି, ତେବେ ସେମାନଙ୍କୁ ଦୁଇଟି ପୃଥକ ୟୁନିଟ୍ ଭାବେ ଗ୍ରହଣ କରାଯାଇ ସମସ୍ତ ସୁବିଧା ଦିଆଯିବ ।

ଏହି ଯୋଜନାର ସୁବିଧା ପାଇବାକୁ ହେଲେ ଆତ୍ମସମର୍ପଣକାରୀ ନକ୍ସଲଙ୍କୁ ନିଜର ସଂଗଠନ, ସହଯୋଗୀ ଓ ଆର୍ଥିକ ଉତ୍ସ ବିଷୟରେ ସବିଶେଷ ତଥ୍ୟ ଦେବା ସହ ଗଣମାଧ୍ୟମ ସମ୍ମୁଖରେ ସ୍ୱୀକାରୋକ୍ତି କରିବାକୁ ପଡ଼ିବ । ଆତ୍ମସମର୍ପଣର ୬୦ଦିନ ମଧ୍ୟରେ ଥଇଥାନ ପ୍ୟାକେଜ୍ ଚୂଡ଼ାନ୍ତ ହେବ ଓ ୧୮୦ ଦିନ ମଧ୍ୟରେ ଏହାକୁ ସରକାର କାର୍ଯ୍ୟକାରୀ ମଧ୍ୟ କରାଇବେ । ଯଦି କୌଣସି ବ୍ୟକ୍ତି ପୁନର୍ବାର ଉଗ୍ରବାଦୀ କାର୍ଯ୍ୟକଳାପକୁ ଫେରନ୍ତି, ତେବେ ସମସ୍ତ ସରକାରୀ ସହାୟତା ଓ ସମ୍ପତ୍ତି ବ୍ୟାଜ୍ୟାପ୍ତି କରାଯିବ ଓଡ଼ିଶାକୁ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ କରିବା ଲକ୍ଷ୍ୟରେ ଏହି ନୂତନ ଓ ଆକର୍ଷଣୀୟ ନୀତିକୁ ଅଧିକ ପ୍ରଭାବଶାଳୀ କରାଯାଇଛି ।ନୂଆ ନୀତିରେ ମୁଣ୍ଡଜାମିନ ପୁରସ୍କାର ରାଶିକୁ ଅତ୍ୟଧିକ ବୃଦ୍ଧି କରାଯାଇଛି । କେନ୍ଦ୍ରୀୟ କମିଟି ସଭ୍ୟ ବା ପଲିଟବ୍ୟୁରୋ ସଭ୍ୟଙ୍କ ପାଇଁ ସର୍ବାଧିକ ୧.୧୦ କୋଟି ଟଙ୍କା, ରାଜ୍ୟ କମିଟି ସଭ୍ୟଙ୍କ ପାଇଁ ୫୫ ଲକ୍ଷ ଟଙ୍କା ଓ ଆଂଚଳିକ କମିଟି ସଭ୍ୟଙ୍କ ପାଇଁ ୩୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଧାର୍ଯ୍ୟ ହୋଇଛି ।ଏହାବ୍ୟତୀତ, ୫ ଲକ୍ଷ ଟଙ୍କାରୁ ଅଧିକ ପୁରସ୍କାର ଥିବା ସକ୍ରିୟ ନକ୍ସଲମାନେ ଆତ୍ମସମର୍ପଣ କଲେ ସେମାନଙ୍କୁ ଅତିରିକ୍ତ ୧୦ ଲକ୍ଷ ଟଙ୍କାର ଏକକାଳୀନ ରାଶି ଫିକ୍ସଡ୍ ଡିପୋଜିଟ୍ ଆକାରରେ ଦିଆଯିବ । ଯଦି କୌଣସି କ୍ୟାଡରଙ୍କ ଉପରେ ପୂର୍ବରୁ ଘୋଷିତ ପୁରସ୍କାର ରାଶି ଥଇଥାନ ସହାୟତାଠାରୁ ଅଧିକ ହୁଏ, ତେବେ ତାଙ୍କୁ ସେହି ଅଧିକ ରାଶି ପ୍ରଦାନ କରାଯିବ ଶ୍ରେଣୀଭିକ ସହାୟତାରେ 'ବର୍ଗ-କ'(ଉଚ୍ଚ ପଦବୀ) ପାଇଁ ୫ ଲକ୍ଷ ଓ ବର୍ଗ-ଖ' (ନିମ୍ନ ପଦବୀ) ପାଇଁ ଅଢ଼େଇଲକ୍ଷ ଟଙ୍କାର ସହାୟତା ମଧ୍ୟ ରହିଛି ।ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରୁଥିବା କ୍ୟାଡରମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ଦର ତାଲିକା ଜାରି କରିଛନ୍ତି ଏଲଏମଜି ବନ୍ଧୁକ ପାଇଁ ୪.୯୫ଲକ୍ଷ ଟଙ୍କା, ଏକେ-୪୭ ପାଇଁ ୩.୩୦ଲକ୍ଷ ଟଙ୍କା, ଇନସାସ୍ ବା ଏସଏଲଆର ରାଇଫଲ୍ ପାଇଁ ୧.୬୫ଲକ୍ଷ ଟଙ୍କା ଅଲଗା ଭାବେ ପ୍ରଦାନ କରାଯିବ ଏପରିକି ଗୋଟିଏ ଗ୍ରେନେଡ୍ ପାଇଁ ୫୫୦ ଟଙ୍କା ଓ ପ୍ରତିଟି ଗୁଳି ପାଇଁ ୫୫ ଟଙ୍କାର ପୁରସ୍କାର ରଖାଯାଇଛି କୌଣସି ଅସ୍ତ୍ର ନଥାଇ ଆତ୍ମସମର୍ପଣ କଲେ ମଧ୍ୟ ସମସ୍ତଙ୍କୁ ଅତିରିକ୍ତ ୨୫ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ ।

# ବେସନ ଲଡୁ



***ସାମଗ୍ରୀ:***
ବେସନ-୨୦୦ ଗ୍ରାମ୍, ଚିନି-୧୮୦ ଗ୍ରାମ୍ ଓ ଘିଅ-୧୫୦ ଗ୍ରାମ୍ ।

***ପ୍ରଣାଳୀ:***
ପ୍ୟାନ୍‌ରେ ଘିଅ ଗରମ କରି ଆଞ୍ଚ କମାନ୍ତୁ । ବେସନକୁ ପକାଇ ଭଲ କରି ଏପରି ଭାଜନ୍ତୁ, ଯେପରି ବିଣ୍ଡା ଭଳି ହେବ ନାହିଁ । ଏଥର କମ୍ ଆଞ୍ଚରେ ବେସନକୁ ସୁନେଲି ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଏଥିରେ ଚିନି ପକାଇ ଗୋଳାନ୍ତୁ ଓ ଗ୍ୟାସ୍ ବନ୍ଦ କରନ୍ତୁ । ଭଲ ଭାବେ ଗୋଳାନ୍ତୁ, ଯେପରି ଗରମରେ ଚିନି ଟିକେ ତରଳି ମିଶିଯିବ । ଏଥର ଘିଅ ହାତ ହୋଇ ଗରମ ବେସନ ଚିନି ମିଶ୍ରଣରୁ ଅଳ୍ପ ଅଳ୍ପ ନେଇ ଲଡୁ ଭଳି ଗୋଲ ଗୋଲ କରନ୍ତୁ । ଭଲ ଭାବେ ବାନ୍ଧି ହୋଇଗଲେ ସୁରକ୍ଷିତ ପାତ୍ରରେ ରଖନ୍ତୁ । ଏହା ଖୁବ୍ ନରମ । ତେଣୁ ଟିକେ ଅଧିକ ଚାପ ଦେଲେ ଭାଙ୍ଗିଯାଇପାରେ । ତେଣୁ ସାବଧାନ ସହକାରେ ରଖିବେ । ବେସନ ଲଡୁକୁ ଏକ ସପ୍ତାହ ପର୍ଯ୍ୟନ୍ତ ରଖି ଖାଇହେବ ।

ଖବର

# ଟଙ୍କା ପାଇଁ ସଲମାନଙ୍କୁ ମିଳିଲା ଧମକପୂର୍ଣ୍ଣ ମେଲ୍



ମୁମ୍ବାଇରେ ଫିଲ୍ମ ନିର୍ମାତା ରୋହିତ ସେଟ୍ଟୀଙ୍କ ଘର ବାହାରେ ଫାୟାରିଂ ଘଟଣା ଫିଲ୍ମ ଇଣ୍ଡଷ୍ଟ୍ରିର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାରି ମଧ୍ୟରେ ପୁଣି ଆଉ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି । ଯେଉଁଥିରେ କୁହାଯାଇଛି ଯେ, ବଲିଉଡ୍ ଅଭିନେତା ସଲମାନ ଖାନଙ୍କ ସମେତ ଇଣ୍ଡଷ୍ଟ୍ରିର ଅନେକ ଲୋକଙ୍କୁ ଧମକପୂର୍ଣ୍ଣ ଇମେଲ୍ ଦେଇ କୋଟି କୋଟି ଟଙ୍କା ମଗାଯାଉଛି । ଏହି ସମସ୍ତ ଧମକ ବିଷ୍ଣୋଇ ଗ୍ୟାଙ୍ଗ୍ ସହିତ ଜଡିତ ଥିବା କୌଣସି ଏକ ସୂତ୍ରରୁ ସୂଚନା ମିଳୁଛି ଫଚଳଚ୍ଚିତ୍ର ଶିଳ୍ପ ସହିତ ଜଡିତ ଲୋକମାନଙ୍କୁ ଧମକ ମିଳିଛି । ଏବେ ସଲମାନଙ୍କ ନିକଟତର ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଧମକ ମିଳିଛି । ଯାହା ଏହି ଚର୍ଚ୍ଚାକୁ ଆହୁରି ବଢାଇ ଦେଇଛି । କିନ୍ତୁ ଏପର୍ଯ୍ୟନ୍ତ ସଲମାନ ଖାନ୍ କିମ୍ବା ତାଙ୍କ ସହିତ ଜଡିତ କୌଣସି ବ୍ୟକ୍ତିଙ୍କ ଦ୍ୱାରା କୌଣସି ଅଫିସିଆଲ୍ ଅଭିଯୋଗ ପୋଲିସ ନିକଟରେ ଦାଖଲ କରାଯାଇନାହିଁ । ଏହା ସତ୍ତ୍ୱେ□, ମୁମ୍ବାଇ ପୋଲିସ ଏବଂ କ୍ରାଇମବ୍ରା□ ସତର୍କତା ସ୍ୱରୂପ ସେମାନଙ୍କର ସତର୍କତା ବୃଦ୍ଧି କରିଛି ଏବଂ ସମଗ୍ର ପରିସ୍ଥିତି ଉପରେ କଡ଼ା ନଜର ରଖିଛି ।ନିକଟରେ ରୋହିତ ଶେଟ୍ଟୀଙ୍କ ଘରେ ଫାୟାରିଂ ହୋଇଥିଲା। ଏହି ଧମକପୂର୍ଣ୍ଣ ମେଲରେ ରଣବୀର ସିଂ ମଧ୍ୟ ସାମିଲ ରହିଛନ୍ତି । ରଣବୀର ସିଂଙ୍କୁ ମେଲ୍ ମାଧ୍ୟମରେ କୋଟି କୋଟି ଟଙ୍କା ଦାବି କରାଯାଇଛି । ଏହି ଧମକ ଏକ ହ୍ୱାଟ୍ସଆପ୍ ଭଏସ୍ ନୋଟ୍ ମାଧ୍ୟମରେ ପଠାଯାଇଥିଲା । ପୋଲିସ ବର୍ତ୍ତମାନ ଘଟଣାର ତଦନ୍ତ କରିବା ସହ ଅଭିନେତାଙ୍କ ଘରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି ।ଅନ୍ୟପଟେ ବିଷ୍ଣୋଇ ଗ୍ୟାଙ୍ଗ ସହିତ ଜଡିତ କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କ ମୋବାଇଲ୍ ଲୋକେସନ୍ ଅନେକ ବଲିଉଡ୍ ସେଲିବ୍ରିଟିଙ୍କ ଘର ପାଖରେ ମିଳିଥିଲା ବୋଲି ମୁମ୍ବାଇ କ୍ରାଇମବ୍ରାଞ୍ଚ ସୂତ୍ରରୁ ଜଣାପଡିଛି । କ୍ରାଇମବ୍ରା□ ବ□ତ୍ତମାନ ଏହି ମାମଲା ସହିତ ଜଡିତ ତଥ୍ୟ ସଂଗ୍ରହ କରୁଛି । ସଲମାନ ଖାନଙ୍କୁ ପୂର୍ବରୁ ଅନେକ ଥର ଧମକ ମିଳିଛି । ଯାହା ଯୋଗୁଁ ତାଙ୍କର ସୁରକ୍ଷା ପୂର୍ବରୁ କଡ଼ାକଡ଼ି କରାଯାଇଛି ।

# ଏହି ସ୍ଥାନରେ ରଖନ୍ତୁ ଶଙ୍ଖ, ଟଙ୍କାରେ ଭରିଯିବ ଘରି

ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ଶଙ୍ଖ ରହିବା ଶୁଭ ବୋଲି କୁହାଯାଏ। ଏଥିରେ ପରିବାରରେ ଖୁସି ଆସିବା ସହ ଶୁଭ ଖବର ମିଳିଥାଏ । ଶଙ୍ଖକୁ ଠାକୁରଘରେ ରଖିବା ଅଧିକ ଶୁଭ ବୋଲି ସମସ୍ତେ ମାନିଥାନ୍ତି । ଖାଲି ସେତିକି ନୁହେଁ, ଏହା ଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ । ଘରର ସମସ୍ତ ଆର୍ଥିକ ସମସ୍ୟା ଦୂର ହେବା ସହ ପରିବାରର ଆୟ ବୃଦ୍ଧି କରିବାରେ ଏହା ସହାୟକ ହୋଇଥାଏହିନ୍ଦୁ ଧର୍ମର ମାନ୍ୟତା ଅନୁସାରେ ଶଙ୍ଖ ମା ଲକ୍ଷ୍ମୀ ଏବଂ ବିଷ୍ଣୁଙ୍କ ଅତି ପ୍ରିୟ । ଠାକୁର ଘରେ ଶଙ୍ଖ ରଖିବା ଦ୍ୱାରା ଘରେ ସକାରାତ୍ମକ ଶକ୍ତି ଖେଳିଥାଏ ଏବଂ ପରିବାରରେ ଶାନ୍ତି ବିରାଜମାନ କରିଥାଏ । ବାସ୍ତୁ ଶାସ୍ତ୍ର ଅନୁସାରେ ଠାକୁରଘରେ ଥିବା ଜଳପାତ୍ର କେବେ ବି ଖାଲି ରଖିବା ଉଚିତ ନୁହେଁ । ଏମିତି ହେବା ଦ୍ୱାରା ନାନା ସମସ୍ୟା ଦେଖାଦେଇଥାଏ । ଏହି ପାତ୍ରରେ ତୁଳସୀ କିମ୍ବା ଗଙ୍ଗାଜଳ ରଖିବା ଉଚିତ।



# ହନୁମାନଙ୍କୁ ମାତା ସୀତାଙ୍କ ବରଦାନ

ମାତା ସୀତାଙ୍କୁ ଖୋଜିବା ପାଇଁ ଲଙ୍କାରେ ପହଞ୍ଚିବା ପରେ ହନୁମାନ ପ୍ରଥମେ ଲଙ୍କିନୀ ନାମ୍ନୀ ରାକ୍ଷସୀକୁ ଭେଟିଲେ । ହନୁମାନ ତା'କୁ ପରାଜିତ କରିଦେଲେ । ଏହାପରେ ସେ ମାତା ସୀତାଙ୍କୁ ଖୋଜିବାକୁ ଲାଗିଲେ । ହନୁମାନ ଏହି ସମୟରେ ରାବଣର କନିଷ୍ଠ ଭ୍ରାତା ବିଭୀଷଣଙ୍କୁ ଭେଟିଲେ । ସେ ମଧ୍ୟ ରାମ ଭକ୍ତ ଥିଲେ । ସେ ହନୁମାନଙ୍କୁ ମାତା ସୀତାଙ୍କ ଠିକଣା କହିଦେଲେ । ହନୁମାନ ଯାଇ ଅଶୋକ ବାଟିକାର ସେହି ବୃକ୍ଷରେ ବସିଗଲେ, ଯେଉଁ ବୃକ୍ଷ ମୂଳେ ମାତା ସୀତା ବସିଥିଲେ । ମାତା ସୀତା ଶୋକ କରୁଥିବା ହନୁମାନ ଦେଖିଲେ । ସେ ତଳକୁ ଆସିଲେ ଏବଂ ଶ୍ରୀରାମଙ୍କ ଆଙ୍ଗୁଠି ମାତା ସୀତାଙ୍କୁ ଦେଲେ । ପ୍ରଭୁଙ୍କ ଆଙ୍ଗୁଠି ଦେଖି ମାତା ଆଶ୍ଚର୍ଯ୍ୟ ହୁଅନ୍ତେ, ହନୁମାନ ତାଙ୍କୁ ନିଜର ପରିଚୟ ଦେଲେ । ହନୁମାନ କହିଲେ ଯେ ମାତା ଖୁବ୍‌ଶୀଘ୍ର ଶ୍ରୀରାମ ଆପଣଙ୍କୁ ନେବା ପାଇଁ ଆସିବେ । ହନୁମାନଙ୍କ ପ୍ରିୟ ବଚନ ଶୁଣି ମାତା ସୀତା ତାଙ୍କୁ ନିଜ ପୁତ୍ର ରୂପରେ ସ୍ୱୀକାର କଲେ ଏବଂ ତାଙ୍କୁ ଅମରତ୍ୱର ବରଦାନ ପ୍ରଦାନ କରିଥିଲେ । ପୂର୍ବରୁ ଦେବଗଣଙ୍କ ଠାରୁ ଅମର ବର ପାଇଥିବା ହନୁମାନ ଜଗଜ୍ଜନନୀଙ୍କ ଠାରୁ ପୁଣି ଥରେ ସେହି ବର ପାଇ ଧନ୍ୟ ହେଲେ ।



# ମହର୍ଷି ବଶିଷ୍ଠଙ୍କ ଉଦାରତା

ଦିଗବିଜୟ ପରେ ରାଜା କୌଶିକ ରାଜଧାନୀ ଅଭିମୁଖେ ଫେରୁଥିଲେ। ବାଟରେ ବ୍ରହ୍ମଜ୍ଞାନୀ ମହର୍ଷି ବଶିଷ୍ଠଙ୍କ ଆଶ୍ରମ ପଡ଼ିଲା। ଭାବିଲେ, ମହାମୁନିଙ୍କ ଦର୍ଶନ କରିଦେଇଯିବେ। ଆଶ୍ରମ ଦ୍ୱାର ଦେଶରେ ପହଞ୍ଚିବା ପରେ ବଶିଷ୍ଠ ତାଙ୍କୁ ଭିତରକୁ ଆସି ଅନ୍ନ ଗ୍ରହଣ କରିବା ଲାଗି ଅନୁରୋଧ କଲେ। କୌଶିକ କହିଲେ, ମୁଁ ଏକା ନାହିଁ । ମୋ ସହିତ ଲକ୍ଷ ଲକ୍ଷ ସୈନ୍ୟ ହାତୀ, ଘୋଡ଼ା ରହିଛନ୍ତି । ଆପଣଙ୍କୁ ଅସୁବିଧା ହେବ। ବଶିଷ୍ଠ କହିଲେ, କିଛି ଅସୁବିଧା ନାହିଁ ! ଆପଣ ଆସନ୍ତୁ। ବଶିଷ୍ଠଙ୍କ ନିକଟରେ ଗୋମାତା କାମଧେନୁଙ୍କ ବାଛୁରୀ ନନ୍ଦିନୀ ଥିଲେ। ସେ କୌଶିକଙ୍କ ସମସ୍ତ ସେନାବାହିନୀ ଓ ହାତୀଘୋଡ଼ା ପାଇଁ ଖାଦ୍ୟ ଯୋଗାଡ଼ କରିଦେଲେ। ଏହା ଦେଖି ରାଜା କୌଶିକ ଆଶ୍ଚର୍ଯ୍ୟ ହେଲେ। ଯିବା ବେଳେ ଋଷି ବଶିଷ୍ଠ ତାଙ୍କୁ ଉପହାର ଯାଚିଲେ। ରାଜା କହିଲେ, ଆପଣ ଯଦି କିଛି ଦେବାକୁ ଚାହୁଁଛନ୍ତି, ତା'ହେଲେ ମୋତେ ଏହି ନନ୍ଦିନୀ ଗୋମାତାଙ୍କୁ ଦିଅନ୍ତୁ। କିନ୍ତୁ ବଶିଷ୍ଠ କହିଲେ, ଆପଣ ରାଜା ! ଆପଣଙ୍କ ପାଖରେ ସମସ୍ତ ସମ୍ବଳ ରହିଛି। ମୁଁ ଋଷି ! ସବୁକିଛି ତ୍ୟାଗ କରି ସନ୍ନ୍ୟାସୀ ଜୀବନଯାପନ



କରୁଛି। ତେଣୁ ମୋର ସମ୍ବଳ ହେଉଛନ୍ତି ଏହି ନନ୍ଦିନୀ ଗୋମାତା। ତେଣୁ ମୁଁ ଏହାଙ୍କୁ ଆପଣଙ୍କୁ ଦେଇପାରିବି ନାହିଁ । ତା'ଛଡ଼ା ଗୋମାତା ନନ୍ଦିନୀ ଆପଣଙ୍କ ରାଜ୍ୟରେ ରହିଲେ ହୁଏତ' ଅନ୍ୟ କେଉଁ ରାଜା ଆପଣଙ୍କ ରାଜ୍ୟ ଉପରେ ଆକ୍ରମଣ କରିପାରନ୍ତି। ବଶିଷ୍ଠ ଏପରି ଅନେକ ବୁଝାଇଲେ ସୁଦ୍ଧା କୌଶିକ ବୁଝିଲେ ନାହିଁ। ସେ ବଳପୂର୍ବକ ନନ୍ଦିନୀଙ୍କୁ ନେଇଯିବା ଲାଗି ପ୍ରୟାସ କଲେ। ହେଲେ ନନ୍ଦିନୀଙ୍କ ଶରୀରରୁ ଲକ୍ଷ ଲକ୍ଷ ସୈନ୍ୟ ବାହାରିଲେ। ସେମାନେ କୌଶିକଙ୍କ ସେନାବାହିନୀର ବିନାଶ କଲେ। କୌଶିକଙ୍କୁ ପରାଜିତ ହୋଇ ଫେରିଯିବାକୁ ପଡ଼ିଲା। ଏହି ଘଟଣା କୌଶିକଙ୍କ ମନରେ ଗଭୀର ରେଖାପାତ କଲା। ସେ ରାଜ୍ୟସିଂହାସନ ତ୍ୟାଗ କରି କଠୋର ତପସ୍ୟା କଲେ। ବଶିଷ୍ଠଙ୍କ ପରି ବ୍ରହ୍ମଜ୍ଞାନୀ ହେବା ଲାଗି ତାଙ୍କ ମନରେ ଇଚ୍ଛା ଜାଗ୍ରତ ହେଲା। ସିଦ୍ଧି ପ୍ରାପ୍ତ କରିବା ପରେ ସେ ପୁଣି ବଶିଷ୍ଠଙ୍କ ଆଶ୍ରମକୁ ଫେରିଲେ। ସେତେବେଳେ ସେ ବିଶ୍ୱମିତ୍ରଙ୍କ ନାମରେ ପରିଚିତ ହୋଇସାରିଥିଲେ। ସିଦ୍ଧି ମିଳିଥିଲା କିନ୍ତୁ ଅହଂକାର ଯାଇନଥିଲା। ବଶିଷ୍ଠଙ୍କ ଆଶ୍ରମରୁ ପୁଣି ନନ୍ଦିନୀଙ୍କୁ ନେବା ଲାଗି ପ୍ରୟାସ କଲେ। ବଶିଷ୍ଠଙ୍କ ପୁତ୍ରମାନଙ୍କ ସହ ତାଙ୍କର ମୁହାଁମୁହିଁ ହେଲା। କୌଶିକ ସମସ୍ତଙ୍କୁ ହତ୍ୟା କଲେ। ବଶିଷ୍ଠ ଓ ତାଙ୍କ ପତ୍ନୀ ଜୀବନରେ ଦୁଃଖର କଳାବାଦଲ ଘୋଟି ଆସିଲା। ତଥାପି ଉଦାର, କ୍ଷମାଶୀଳ ବଶିଷ୍ଠ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ । ବିଶ୍ୱାମିତ୍ରଙ୍କୁ ଏଥର ମଧ୍ୟ ଖାଲି ହାତରେ ଫେରିଯାଇଥିଲେ। କାରଣ ସେତେବେଳକୁ ଗୋ-ମାତା ନନ୍ଦିନୀ ସ୍ୱର୍ଗପୁରୀକୁ ଚାଲିଯାଇଥିଲେ। ଅନ୍ୟପଟେ ବିଶ୍ୱାମିତ୍ରଙ୍କ ଏହି କୃତକର୍ମକୁ ଦେବତା, ଋଷି-ମୁନି ସମସ୍ତେ ବିରୋଧ କଲେ। ବିଶ୍ୱାମିତ୍ରଙ୍କ ଚେତା ପଶିଲା। ଅହଂକାରବଶତଃ ମହର୍ଷି ବଶିଷ୍ଠଙ୍କର ସେ ଯେଉଁ କ୍ଷତି କରିଛନ୍ତି ତା'ର ପ୍ରାୟଶ୍ଚିତ କରିବା ଲାଗି ସେ ପୁଣିଥରେ ତପସ୍ୟା କରିବା ଲାଗି ନିଷ୍ପତ୍ତି ନେଲେ। ହଜାର ହଜାର ବର୍ଷ ପର୍ଯ୍ୟନ୍ତ କଠୋର ତପସ୍ୟା ଚାଲିଲା। ତାଙ୍କର ତପଶକ୍ତି ଏତେ ପ୍ରଖର ହୋଇଗଲା ତା'ର ପ୍ରଭାବ ତିନି ପୁରରେ ବ୍ୟାପିଗଲା। ଶେଷରେ ବିଶ୍ୱାମିତ୍ର ତପଭଙ୍ଗ କରି ମହର୍ଷି ବଶିଷ୍ଠଙ୍କୁ କ୍ଷମା ଯାଚନା କରିବା ଲାଗି ମନସ୍ତ କଲେ। ତେଣୁ ସେ ବଶିଷ୍ଠ ମୁନିଙ୍କ ଆଶ୍ରମ ଅଭିମୁଖେ ଚାଲିଲେ । ସେଠାରେ ପହଞ୍ଚିବା ସମୟରେ ସନ୍ଧ୍ୟା ହୋଇସାରିଥିଲା। ଆଶ୍ରମରେ ମହର୍ଷି ବଶିଷ୍ଠ ଏବଂ ପତ୍ନୀ ଅରୁନ୍ଧତୀ ବସିଥିଲେ। ଅରୁନ୍ଧତୀ କହୁଥିଲେ, ସ୍ୱାମୀ ! ଆଜି ଆକାଶରେ ଚନ୍ଦ୍ରଙ୍କ ଆଲୋକ କେତେ ସୁନ୍ଦର ଦିଶୁଛି। ଘନ ଅନ୍ଧାର ରାତ୍ରୀ ଚନ୍ଦ୍ରଙ୍କ ଆଲୋକରେ ଆଲୋକିତ ହୋଇ ଉଠୁଛି। ଚତୁର୍ଦ୍ଦିଗ ପ୍ରକାଶମାନ ହୋଇଉଠୁଛି । ତାଙ୍କ କଥା ଶୁଣି ମହର୍ଷି ବଶିଷ୍ଠ କହିଲେ, ନା ଦେବୀ ! ପ୍ରକାଶ ଦେଖିବାର ଅଛି ତ' ମହର୍ଷି ବିଶ୍ୱାମିତ୍ରଙ୍କ ତପସ୍ୟାର ପ୍ରକାଶକୁ ଦେଖ। ଯାହା ଏବେ ତିନି ପୁରରେ ବ୍ୟାପିଯାଇଛି। ମହର୍ଷି ବଶିଷ୍ଠଙ୍କ ଉପମା ଶୁଣି ବିଶ୍ୱାମିତ୍ର ତୁରନ୍ତ ଯାଇ ତାଙ୍କ ପାଦ ତଳେ ପଡ଼ିଗଲେ। ସେ କରିଥିବା ପାପ ପାଇଁ ତାଙ୍କୁ କଠୋରରୁ କଠୋରତମ ଦଣ୍ଡ ଦେବା ଲାଗି ପ୍ରାର୍ଥନା କଲେ। ମହର୍ଷି ବଶିଷ୍ଠ କିନ୍ତୁ ତାଙ୍କୁ କ୍ଷମା ଦେଲେ। ଅନ୍ୟପଟେ ତପଶକ୍ତି ପାଇଁ ତାଙ୍କୁ ବ୍ରହ୍ମର୍ଷି ପଦବୀ ପ୍ରଦାନ କଲେ ।

# ତ୍ୱଚ୍ଚ କୁଂଚନ ଦୂର କରିବ ନଡିଆ ତେଲ

ସାଧାରଣତଃ ବୟସ ବଢ଼ିବା ସହ ଧୀରେ ଧୀରେ ସୌନ୍ଦର୍ଯ୍ୟ ମଧ୍ୟ ହ୍ରାସ ପାଇଥାଏ। ବିଶେଷ କରି ଏହାର ପ୍ରଭାବ ମୁଖ୍ୟତଃ ମୁହଁରେ ପ୍ରଥମେ ଦେଖାଯାଇଥାଏ। ଆଖି ତଳ କଳା ପଡିବା, ଚର୍ମ କୁଂଚନ ବା ରିଙ୍କଲ୍ସ



ହେବା ଭଳି ସମସ୍ୟା ଆସିଥାଏ । ଏହି ସମସ୍ୟାକୁ ଦୂର କରିବା ପାଇଁ ଅନେକ ଲୋକେ ଡାକ୍ତରଙ୍କ ସହାୟତା ନେଇଥାନ୍ତି। ତେବେ କମ୍ ଖର୍ଚ୍ଚରେ ମଧ୍ୟ ଘରୋଇ ଉପଚାରରେ ଏହି ସମସ୍ୟାରୁ ମୁକ୍ତି ମିଳିପାରିବ।

■ ଗୋଟିଏ ଚାମଚ ଦହି ସହ ଗୋଟିଏ ଚାମଚ ମହୁ ମିଶାନ୍ତୁ । ଏଥିରେ କିଛି ବୁନ୍ଦା ଗୋଲାପ ଜଳ ପକାଇ ଏକ ମିଶ୍ରଣ ତିଆରି କରନ୍ତୁ। ଏହାକୁ ୨୦ ମିନିଟ ଯାଏଁ ମୁହଁରେ ଲଗାଇ ରଖନ୍ତୁ। ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହା ଦ୍ୱାରା ମୁହଁରୁ ରିଙ୍କଲ୍ସ ଦୂର ହେବା ସହ ତ୍ୱଚ୍ଚ ସଫା ହୋଇଯାଇଥାଏ।

■ ଗୋଟିଏ ଚାମଚ ନଡିଆ ତେଲରେ ଗୋଟିଏ ଚୁଟକି ହଳଦି ପାଉଡର ମିଶାନ୍ତୁ। ଏହି ମିଶ୍ରଣକୁ ରିଙ୍କଲ୍ସ ହୋଇଥିବା ସ୍ଥାନରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ। ଏହାପରେ ଧୋଇ ଦିଅନ୍ତୁ।। ତେଲରେ ମୁହଁର ମାଲିସ କରନ୍ତୁ । ସକାଳୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ତ୍ୱଚ୍ଚ ହାଇଡ୍ରେଟ ହେବା ସହ ରିଙ୍କଲ୍ସ ଦୂର ହୋଇଥାଏ।

■ ଏଲୋବେରା ଜେଲ, ଦହି ଏବଂ କାକୁଡି ରସକୁ ଏକାଠି ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୨୦ ମିନିଟ ଯାଏଁ ମାଲିସ କରି ଧୋଇ ଦିଅନ୍ତୁ।

■ ଦହିରେ କାକୁଡି ରସ ମିଶାଇ ୨୦ ମିନିଟ ପର୍ଯ୍ୟନ୍ତ ମୁହଁରେ ଏହି ପେଷ୍ଟକୁ ଲଗାଇ ରଖନ୍ତୁ। ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ସପ୍ତାହ ଭିତରେ ୨ ରୁ ୩ ଥର ଏହି ଉପାୟକୁ କରନ୍ତୁ। ଏହାଦ୍ୱାରା ତ୍ୱଚ୍ଚର ଉଜ୍ଜ୍ୱଳତା ବର୍ଦ୍ଧିବା ସହ ମୁହଁରେ ପଡିଥିବା କୁଂଚନ ବା ରିଙ୍କଲ୍ସ ମଧ୍ୟ ଧୀରେ ଧୀରେ କମିଯିବ।

# ରାଜ୍ୟର ସବୁ ରାଜପଥ ହେବ ୪ ଲେନ୍

## ପୂର୍ତ୍ତ ବିଭାଗ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା



**ଭୁବନେଶ୍ୱର,୧୧।୨ (ମହାଭାରତ):** ଲୋକସେବା ଭବନ ସମ୍ମିଳନୀ କକ୍ଷରେ ସୋମବାର ପୂର୍ତ୍ତ ବିଭାଗର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ କେବଳ ବଡ଼ ବଡ଼ ସହରର ଉନ୍ନୟନ ଦ୍ୱାରା ରାଜ୍ୟର ସାମଗ୍ରିକ ବିକାଶ ହୋଇପାରିବ ନାହିଁ। ଏଥିପାଇଁ ରାଜ୍ୟର ବିଭିନ୍ନ ଅଂଚଳରୁ ପ୍ରତି ସହରକୁ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ିକରଣ କରିବାକୁ ପଡ଼ିବ। ବିଶେଷ କରି, ଭୁବନେଶ୍ୱର ସହର ପରିବର୍ଦ୍ଧିତ ଯୋଜନା ପରି କଟକ ସହର ଆଉଟର ରିଙ୍ଗ୍‌ରୋଡ୍ ନିର୍ମାଣ କରିବା ନେଇ ଯୋଜନା ପ୍ରସ୍ତୁତ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏଥି ସହିତ ପଶ୍ଚିମ ଓଡ଼ିଶାରୁ ପୂର୍ବ ଓଡ଼ିଶାକୁ ଯୋଗାଯୋଗ ସୁଦୃଢ଼ିକରଣ ପାଇଁ କଟକ-ସମ୍ବଲପୁର ଜାତୀୟ ରାଜପଥ-୫୫ କୁ ୬ ଲେନ୍ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ରାଜ୍ୟର ସବୁକୋଣକୁ ସଂଯୋଗ ହୋଇଥିବା ରାଜ୍ୟ ରାଜପଥଗୁଡ଼ିକୁ ୪ ଲେନ୍ କରିବାର ଆବଶ୍ୟକତା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହାର ସର୍ଭେ କାର୍ଯ୍ୟ ଆରମ୍ଭ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହାଙ୍କ ଉପସ୍ଥିତିରେ ହୋଇଥିବା ଏହି ବୈଠକରେ ଜୟଦେବ ବିହାର-ନନ୍ଦନକାନନ ରୋଡ୍ ଓ ଲେଫ୍ଟ ପାରାଲାଲ ରୋଡ୍, ପଥରଗାଡ଼ିଆ-ଦାରୁଠେଙ୍ଗ ରାସ୍ତା, ପ୍ରସ୍ତାବିତ କେଲୁଚରଣ-ଫୁଲନଖରା ରୋଡ୍, ପଳାଶୁଣି ଠାରୁ ଗ୍ୟାରେଜ୍ ଛକ, ଆଚାର୍ଯ୍ୟ ବିହାର-କଳିଙ୍ଗ ହସ୍‌ପିଟାଲ୍ ରୋଡ୍, କାଇମାଟିଆ ଛକରୁ ଗୋଠପାଟଣା ରାସ୍ତା, ଗୋହିରିଆରୁ ଛତାବର ଭାୟା-ମଦନପୁର, ଏମ୍ସ ରାସ୍ତା ଆଦିର ନିର୍ମାଣ, ପ୍ରଶସ୍ତିକରଣ ଏବଂ ଆବଶ୍ୟକ ସ୍ଥଳେ ଜମି ଅଧିଗ୍ରହଣ ନେଇ ଆଲୋଚନା ହୋଇଥିଲା। ସେହିପରି ପ୍ରମୁଖ ଜାତୀୟ ରାଜପଥ ଯଥା କୋଣାର୍କ-ପୁରୀ-ସାତପଡ଼ା ରାସ୍ତାର ପ୍ରଶସ୍ତିକରଣ, ପିପିଲି-କୋଣାର୍କ ରାସ୍ତାର ନୂଆ ଆଲାଇନ୍‌ମେଂଟ, କଟକ-କନ୍ଦରପୁର ଏବଂ କନ୍ଦରପୁର-ବାଲିକୁଦା, ଜୟପୁର ବାଇପାସ୍ ଓ ବଲାଙ୍ଗିର ବାଇପାସ୍ ରାସ୍ତା ନିର୍ମାଣ ନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଇଆଇସି (ରୋଡ୍) ଇଂ ଧାନଚାନ୍ଦ ନାୟକ, ଜାତୀୟ ରାଜପଥ ପ୍ରାଧିକରଣ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ ମୁଖ୍ୟଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନେତୃତ୍ୱ ବିକାଶ ମିଶନ କଂଗ୍ରେସ ପାଇଁ ସଂଜୀବନୀ : ଭକ୍ତ

**ଭୁବନେଶ୍ୱର,୧୧।୨ (ମହାଭାରତ):** ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ନେତୃତ୍ୱ ବିକାଶ ମିଶନ ବିଭାଗ ଏବଂ ଆଦିବାସୀ କଂଗ୍ରେସ ବିଭାଗର ଏକ ମିଳିତ ଆଭାସୀ (ଭର୍ଚୁଆଲ୍) ସଭାରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ ନେତୃତ୍ୱ ବିକାଶ ମିଶନ କଂଗ୍ରେସ ଦଳ ପାଇଁ ଆଗାମୀ ଦିନରେ ସଂଜୀବନି ସାବ୍ୟସ୍ତ ହେବ ବୋଲି ମତ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଅଖିଳ ଭାରତୀୟ କଂଗ୍ରେସ କମିଟି ଦ୍ୱାରା ସମାଜର ବଞ୍ଚିତ ବର୍ଗ ଯଥା ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସଂପ୍ରଦାୟର ସଂଘର୍ଷରତ ଯୁବକ/ ଯୁବତୀମାନଙ୍କୁ ଦଳୀର ମୁଖ୍ୟ ସ୍ରୋତକୁ ଆଣି ଆଗାମୀ ଦିନରେ ଦଳୀୟ ନେତୃତ୍ୱରେ ସାମିଲ କରିବା ପାଇଁ ନେତୃତ୍ୱ ବିକାଶ ମିଶନ ଗଠନ କରାଯାଇଅଛି। ଏହିକ୍ରମରେ ଓଡ଼ିଶାର ସମସ୍ତ ୫୭ଟି ସଂରକ୍ଷିତ ବିଧାନସଭା ଗୁଡ଼ିକୁ ୧୦ଟି କ୍ଲଷ୍ଟରରେ ଭାଗ କରାଯାଇ ପ୍ରତ୍ୟେକ କ୍ଲଷ୍ଟର ପାଇଁ ଜଣେ ଜଣେ ଟିମ୍ ଲିଡର ଓ କୋ-ଟିମ୍ ଲିଡର ନିଯୁକ୍ତି କରାଯାଇଅଛି। କ୍ଲଷ୍ଟର-୧ ପାଇଁ ଟିମ୍ ଲିଡର ଭାବେ ଅନୁସୂଚିତ ଜାତି ବିଭାଗର ରାଷ୍ଟ୍ରୀୟ ସଂଯୋଜକ ତଥା ଓଡ଼ିଶା ପ୍ରଭାରୀ ଅଜୟ କୁମାର ପାଶୱାନ ଓ କୋ-ଟିମ୍ ଲିଡର ଭାବେ ଆଇନଜୀବୀ ଆଲବର୍ଟ କିଣ୍ଡୋ ଓ ନେପାଲ ସାହୁ ନିଯୁକ୍ତି ପାଇଅଛନ୍ତି। ସେହପରି କଷ୍ଟର୍-୨ ପାଇଁ ରାଜ୍ୟ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକ ଟିମ୍ ଲିଡର ଭାବେ ଓ ପିସିସି ସମ୍ପାଦିକା ଶ୍ରୀମତୀ ଅନିମା ମିଞ୍ଜ ଓ ରଞ୍ଜନ ସେଠୀ କୋ-ଟିମ୍ ଲିଡର ଭାବେ ନିଯୁକ୍ତି ପାଇଅଛନ୍ତି। କ୍ଲଷ୍ଟର-୩ ପାଇଁ ରାଜ୍ୟ ଆଦିବାସୀ କଂଗ୍ରେସର ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ଯଶୋବନ୍ତ ଲାଗୁରୀ ଟିମ୍ ଲିଡର ଭାବେ ଓ ପୂର୍ବତନ ବିଧାୟକ ପ୍ରହଲ୍ଲାଦ ପୁର୍ତି ଏବଂ ଐତିହ୍ୟ ଦିବ୍ୟ ସିଂ କୋ-ଟିମ୍ ଲିଡର ଭାବେ ନିଯୁକ୍ତି ପାଇଅଛନ୍ତି। କ୍ଲଷ୍ଟର-୪ ପାଇଁ ଟିମ୍ ଲିଡର ଭାବେ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଓ କୋ-ଟିମ୍ ଲିଡର ଭାବେ ପ୍ରତ୍ୟୁଷ ସାହୁ ଓ ଆଶିଷ ଲେଙ୍କା ନିଯୁକ୍ତି ପାଇଅଛନ୍ତି।

# ଗଞ୍ଜେଇ ତେଲ ଜବତ ୪ଗିରଫ

**ଭୁବନେଶ୍ୱର,୧୧।୨ (ମହାଭାରତ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ବଡ଼ପଦର ଗାଁରୁ ଗଞ୍ଜେଇ ତେଲ ପ୍ରସ୍ତୁତ କାରଖାନା ଠାବ କଲା ଚିତ୍ରକୋଣ୍ଡା ପୋଲିସ। ଚାରିଜଣ ଗଞ୍ଜେଇ ତେଲ ପ୍ରସ୍ତୁତ ଜାରି ଗିରଫ। ଏହାସହ ଦୁଇ ଲିଟର ଗଞ୍ଜେଇ ତେଲ ଜବତ। ଦୁଇ ଲିଟର ଗଞ୍ଜେଇ ତେଲର ଆନୁମାନିକ ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ ବୋଲି ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ସୂଚନା ଦେଇଛନ୍ତି। ଗତ ୪ ମାସରେ ମାଲକାନଗିରି ପୋଲିସ ଦ୍ୱାରା ୭.୫ କୋଟି ଟଙ୍କାର ଗଞ୍ଜେଇ ତେଲ ଜବତ ହୋଇଛି। ଯାହା ଭାରତରେ ଏପର୍ଯ୍ୟନ୍ତ ଏହା ସର୍ବାଧିକ ଜବତ।

ଚାରିଜଣଙ୍କ ମଧ୍ୟରୁ ଦୁଇଜଣ ଆନ୍ତଃରାଜ୍ୟ ଗଞ୍ଜେଇ ତେଲ ଚୋରା ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଆଗାମୀ ଦିନରେ ଗଞ୍ଜେଇ ଚୋରାଚାଲାଣ ରୋକିବା ପାଇଁ ମାଲକାନଗିରି ଏସ୍‌ପି ହେଲ୍ପଲାଇନ୍ ନମ୍ବର ୯୪୩୮୯୧୬୯୭୨ ଆରମ୍ଭ କରିଛନ୍ତି ଏବଂ ଗଞ୍ଜେଇ ତେଲ ନେଟ୍‌ୱାର୍କକୁ ରୋକିବା ପାଇଁ ମାଲକାନଗିରି ପୋଲିସକୁ ସହାୟତା କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଘଟଣା ସ୍ଥଳରୁ ସିଲିଣ୍ଡ୍ରିକାଲ୍ ପ୍ରକ୍ରିୟାକରଣ କଂଟେନର ସହିତ ସଜ୍ଜିତ ଲୁହା ତିଆରି ମେସିନ୍, ପ୍ରେସର୍ କୁକର, ଲୁହା ତିଆରି କମ୍ପ୍ରେସର, ପାଇପ୍, ସିଲିଣ୍ଡର ଏବଂ ପ୍ଲାଷ୍ଟିକ୍ ଡ୍ରମ୍ ସହିତ ସଜ୍ଜିତ ଗ୍ୟାସ୍ ବର୍ଣ୍ଣର ଜବତ କରିଛି ପୋଲିସ। ସମ୍ପୃକ୍ତ ଆନ୍ତଃରାଜ୍ୟ ନେଟ୍‌ୱାର୍କର ଆଗକୁ ଏବଂ ପଛୁଆ ଲିଙ୍କେଜ୍ ଖୋଜିବା ପାଇଁ ଅଧିକ ତଦନ୍ତ ଜାରି ରହିଛି। ଆଜି ପର୍ଯ୍ୟନ୍ତ ଗତ ୩ ମାସରେ ଭାରତରେ ବଡ଼ ପରିମାଣର ଗଞ୍ଜେଇ ତେଲ ଜବତ ସମେତ ୬୦ କିଲୋଗ୍ରାମ ପ୍ରାୟ ୭କୋଟି ୫୦ଲକ୍ଷ କୋଟି ଟଙ୍କା ମୂଲ୍ୟ। ୨୦୨୪ ମସିହାରେ ୨୨ ଟନ୍ ଗଞ୍ଜେଇ ଜବତ ହୋଇଥିବାବେଳେ ୨୦୨୫ ମସିହାରେ ୩୧ ଟନ୍ ଗଞ୍ଜେଇ ଜବତ କରାଯାଇଥିଲା। ୨୦୨୫/୨୦୨୬ ମସିହାରେ ଏପର୍ଯ୍ୟନ୍ତ ୧୨୮୨ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି।

# ଶ୍ରୀ ଲିଙ୍ଗରାଜଙ୍କ ମହାଶିବରାତ୍ରୀ ସମନ୍ୱୟ ବୈଠକ



**ଭୁବନେଶ୍ୱର,୧୧।୨ (ମହାଭାରତ):** ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ପ୍ରସିଦ୍ଧ ମହାଶିବରାତ୍ରୀର ଅବ୍ୟବହିତ ପୂର୍ବରୁ ସୋମବାର ଦିନ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଏକ୍ସରେ ଲେଖିଛନ୍ତି ଚଳିତ ବର୍ଷ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ପ୍ରସିଦ୍ଧ ମହାଶିବରାତ୍ରୀ ପର୍ବ ଆସନ୍ତା ତା.୧୫.୦୨.୨୦୨୬ ରିଖ ରବିବାର ଦିନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱର ଲୋକସେବା ଭବନ ସ୍ଥିତ ଆଇନ ବିଭାଗର ସମ୍ମିଳନୀ କକ୍ଷ ଠାରେ ପ୍ରଭୁ ଶ୍ରୀ ଶ୍ରୀ ଲିଙ୍ଗରାଜଙ୍କର ପବିତ୍ର ମହାଶିବରାତ୍ରୀ ପର୍ବ ପାଳନ ଅବସରରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ଯୋଗଦେଇ ସେବାୟତ, ମନ୍ଦିର ପ୍ରଶାସନ ଓ ବିଭିନ୍ନ ସରକାରୀ ବିଭାଗ ଉପରେ ନ୍ୟସ୍ତ କରାଯାଇଥିବା ଦାୟିତ୍ୱ ଓ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚ଼ନା କରିଛି।

ଉକ୍ତ ବୈଠକରେ ଶାନ୍ତିପୂର୍ଣ୍ଣ ଭାବେ ମହାପ୍ରଭୁ ଲିଙ୍ଗରାଜଙ୍କ ନୀତି ସମ୍ପନ୍ନ ହେବା, ସଠିକ୍ ସମୟରେ ମହାଦୀପ ଉଠିବା, ଶୃଙ୍ଖଳିତ ଦର୍ଶନ, ଶୂନ୍ୟ ଅଘଟଣକୁ ଗୁରୁତ୍ୱ ଦେବା ସହ ଟ୍ରାଫିକ ସୁପରିଚାଳନା, ପାରିପାର୍ଶ୍ୱିକ ରାସ୍ତାଗୁଡିକୁ ପରିଷ୍କାର ପରିଚ୍ଛନ୍ନତା, ପାଣି ଓ ବିଦ୍ୟୁତ୍ ବ୍ୟବସ୍ଥା ଆଦି ବିଷୟ ଉପରେ ବ୍ୟାପକ ଆଲୋଚନା କରିବା ସହ ଶୃଙ୍ଖଳିତ ଭାବେ ମହାଶିବରାତ୍ରୀ ପାଳନ ପାଇଁ ପରାମର୍ଶ ଦେଇଛି। ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମହାନଗର ନିଗମ ମେୟର ଶ୍ରୀମତୀ ସୁଲୋଚନା ଦାସ , ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ପବିତ୍ର ମୋହନ ସାମଲ , ଦେବୋତର ଆୟୁକ୍ତ ଲଲାଟେନ୍ଦୁ ଜେନା, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ପୋଲିସ କମିଶନର ଡଃ ସୁରେଶ ଦେବ ଦତ ସିଂହ, ଅତିରିକ୍ତ ପୋଲିସ କମିଶନରସିଂହ ଭୋଳ, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି , କର୍ପୋରେଟର ଗଣ, ଅନ୍ୟ ପୋଲିସ ଅଧିକାରୀ ଗଣ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ, ପ୍ରମୁଖ ସେବା ନିଯୋଗର ପ୍ରତିନିଧି ବୃନ୍ଦ , ବିଦ୍ୟୁତ ବିଭାଗ ଅଧିକାରୀ ଓ କର୍ମଚାରୀ,ଜଳ ନିଗମ ଅଧିକାରୀ , ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ , ସ୍ୱେଚ୍ଛାସେବୀ ସଂଗଠନ ସହ ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ବରିଷ୍ଠ ପୁଲିସ ଅଫିସର୍ସ ସମ୍ମିଳନୀ

**ଭୁବନେଶ୍ୱର,୧୧।୨ (ମହାଭାରତ):** ପ୍ରାୟ ଦୀର୍ଘ ୫ବର୍ଷ ପରେ ଆସନ୍ତା ୧୧ତାରିଖରେ ରାଜ୍ୟ ବରିଷ୍ଠ ପୁଲିସ ଅଫିସର୍ସ ସମ୍ମିଳନୀ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ୨୦୨୧ ଡିସେମ୍ବର ମାସରେ ଶେଷଥର ପାଇଁ ୬୩ତମ ବରିଷ୍ଠ ପୁଲିସ ଅଫିସର୍ସ ସମ୍ମିଳନୀ ହୋଇଥିବାବେଳେ ବର୍ତ୍ତମାନର ମୋହନ ମାଝୀଙ୍କ ସରକାରରେ ଦୁଇଥର ଏହି ସମ୍ମିଳନୀ ପାଇଁ ତାରିଖ ଧାର୍ଯ୍ୟ ହୋଇ ମଧ ଶେଷ ମୁହୂର୍ତ୍ତରେ ବାତିଲ କରି ଦିଆଯାଇଥିଲା ବୋଲି ଜଣାପଡ଼ିଛି। ତେବେ ୧୧ତାରିଖରୁ ଦୁଇଦିନିଆ ୬୪ତମ ବରିଷ୍ଠ ପୁଲିସ ଅଫିସର୍ସ ସମ୍ମିଳନୀରେ ଯୋଗ ଦେବା ପାଇଁ ସମସ୍ତ ଜିଲ୍ଲା ଏସପି, ରେଞ୍ଜ ଡିଆଇଜି ଓ ଆଇଜିଙ୍କ ସମେତ ଶୀର୍ଷସ୍ତରର ଅଫିସରମାନଙ୍କୁ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ମିଳନୀର ଶେଷ ଦିନରେ ଅର୍ଥାତ ୧୨ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବେ। ସମ୍ମିଳନୀ ପାଇଁ ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ବିଧିବଦ୍ଧ କାର୍ଯ୍ୟସୂଚୀ ଜାରି ହୋଇଛି। ସୂଚନା ଅନୁସାରେ ଏହି ସମ୍ମିଳନୀ ଭୁବନେଶ୍ୱରସ୍ଥିତ ପୁଲିସ ଭବନର କନଭେନସନ୍ ହଲରେ ଅନୁଷ୍ଠିତ ହେବ।



ପୁଲିସ ଡିଜି ୱାଇବି ଖୁରାନିଆ ୧୧ତାରିଖ ସକାଳ ୧୦ଟାରେ ଏହି ସମ୍ମିଳନୀକୁ ଉଦଘାଟନ କରିବା ସହ ପ୍ରାରମ୍ଭିକ ଅଭିଭାଷଣ ରଖିବେ। ପୂର୍ବାହ୍ନ ସାଢ଼େ ୧୦ଟାରୁ ଗୁଇନ୍ଦା ଡିଜି ଆରପି କୋଚେ ରାଜ୍ୟର ଆଭ୍ୟନ୍ତରୀଣ ସୁରକ୍ଷା ଓ ଭବିଷ୍ୟତର ଆହ୍ୱାନ ଉପରେ ପ୍ରାୟ ୪୫ମିନିଟ୍ ଧରି ତଥ୍ୟ ଉପସ୍ଥାପନ କରିବେ।

## ଅବସରପ୍ରାପ୍ତଙ୍କୁ ମିଳିବ ବରିଷ୍ଠ ଓଏଏସ୍ ଦରମା

# ୨୭ବର୍ଷ ପରେ ୧୭ଜଣଙ୍କୁ ନ୍ୟାୟ

**ଭୁବନେଶ୍ୱର,୧୧।୨ (ମହାଭାରତ):** ୨୭ବର୍ଷ ପରେ ୧୭ଜଣଙ୍କୁ ନ୍ୟାୟ। ଅବସରପ୍ରାପ୍ତଙ୍କୁ ମିଳିବ ବରିଷ୍ଠ ଓଏଏସ୍ ଦରମା। ତତ୍କାଳୀନ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତି ଯୋଗୁ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ରୁ ବଞ୍ଚିତ ଅଧିକାରୀମାନେ ଏବେ ତାଙ୍କ ହକ୍ ପାଇଛନ୍ତି। ୧୭ଜଣଙ୍କୁ ନ୍ୟାୟ ମିଳିଥିବା ବେଳେ ସେଥିମଧ୍ୟରୁ ୨ଜଣ ଅବସରପ୍ରାପ୍ତ ଅଧିକାରୀଙ୍କୁ ମଧ୍ୟ ଓଏଏସ୍ ଅଧିକାରୀ ଭାବେ ନୋସନାଲୀ ପେନ୍‌ସନ ଦେବାକୁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ନାମା ଜାରି ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୯୯୯ ମସିହାରେ ଓଏଏସ୍‌ରୁ ବଞ୍ଚିତ ଥିବା ୧୫ଜଣ ବିଭିନ୍ନ କ୍ୟାଡ଼ର ଅଧିକାରୀଙ୍କୁ ଓଏଏସ୍ କ୍ୟାଡ଼ରେ ଫିକ୍ସଡ କରାଯାଇଛି।

ବରିଷ୍ଠତା ଦୃଷ୍ଟିରୁ କିଏ କେଉଁଠାରେ ରହିବେ ସେନେଇ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରାଜସ୍ୱ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ, ଅବସର ନେଇଥିବା ଶ୍ୟାମ ପ୍ରସାଦ ରାଉତ ଏବଂ ସିଦ୍ଧାର୍ଥ ଶଙ୍କର ପାଣି ଏବେ ନୋସନାଲୀ ଓଏଏସ୍ ପେନ୍‌ସନ ପାଇବେ। ସେହିପରି ଓଏଫ୍‌ଏସ୍ ଅଧିକାରୀ ପୀୟୂଷ କାନ୍ତ ପାଣିଙ୍କୁ ପଦୋନ୍ନତି ଦିଆଯାଇ ବରିଷ୍ଠ ଓଏଏସ୍ ଅଧିକାରୀ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ତଳେ ଏବଂ ସରୋଜ ସାହୁଙ୍କ ଉପରେ ଫିକ୍ସଡ୍ କରାଯାଇଛି। ଏହାସହିତ ସବୀର କୁମାର ପଣ୍ଡା(ଓସିଏସ୍), ସତ୍ୟନାରାୟଣ ପଣ୍ଡା(ଓଏସ୍‌ଏସ୍), ସୁଶାନ୍ତ କୁମାର ପଣ୍ଡା(ଓଏଏସ୍), ଗାୟତ୍ରୀ ପଟ୍ଟନାୟକ (ଓସିଏସ୍), ଫାଲଗୁନୀ ସହାୟ ନାୟକ (ଓଇଏସ୍), ଶ୍ରୀକାନ୍ତ କୁମାର ବେହୁରା (ସବ୍‌ରେଜିଷ୍ଟ୍ରାର), ସ୍ମିତା ମହାନ୍ତି (ସବ୍‌ରେଜିଷ୍ଟ୍ରାର), ରମେଶଚନ୍ଦ୍ର ପଣ୍ଡା (ସବ୍‌ରେଜିଷ୍ଟ୍ରାର), ସୁରଜ କୁମାର ପଟ୍ଟନାୟକ (ସବ୍‌ରେଜିଷ୍ଟ୍ରାର) ରହିଛନ୍ତି। ସେହିପରି ସୁଚେତା ମହାପାତ୍ର (ଓଏସ୍‌ସିଏସ୍), ହରପ୍ରିୟା ଦାସ (ଓଏସ୍‌ସିଏସ୍), ପ୍ରିୟବ୍ରତ ପାଢ଼ୀ (ଓଏସ୍‌ସିଏସ୍), ଅମୀୟ କୁମାର ରାଉତ (ଓଏସ୍‌ସିଏସ୍) ଓ ବିଜୟଲକ୍ଷ୍ମୀ ପାଟଶାଣୀ ପ୍ରମୁଖ ରହିଛନ୍ତି। ରାଜସ୍ୱ ବିଭାଗର ଏହି ବିଜ୍ଞପ୍ତିକୁ ନେଇ ଏବେ ଓଏଏସ୍ ଅଫିସର ମହଲରେ ଭିନ୍ନ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଆଗାମୀ ଦିନରେ ଯେଉଁ ଓଏଏସମାନେ ଏଭଳି ସରକାରଙ୍କ ରୋଷର ସମ୍ମୁଖୀନ ହୋଇଛନ୍ତି ସେମାନଙ୍କ କଥାକୁ ସରକାର କି ପ୍ରକାର ବିଚାର କରୁଛନ୍ତି ତାହା ଦେଖିମବାର ରହିଛି।

# ଗୋଣ୍ଡ ସାଂସ୍କୃତିକ ସମାଜର ବାର୍ଷିକ ସାଧାରଣସଭା

**ଭୁବନେଶ୍ୱର,୧୧।୨ (ମହାଭାରତ):** ଗୋଂଡ଼ ସାଂସ୍କୃତିକ ସମାଜ, ଓଡ଼ିଶାର ପଂଚମ ରାଜ୍ୟସ୍ତରୀୟ ବାର୍ଷିକ ସାଧାରଣ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଆଜି ମଂଚେଶ୍ୱରସ୍ଥିତ ଶିଳ୍ପ ଉଦ୍ୟୋଗ ପ୍ରତିଷ୍ଠାନ ପରିସରରେ ସଫଳତାର ସହ ଆୟୋଜିତ ହୋଇଛି। ଅବସରପ୍ରାପ୍ତ ପିସିସିଏଫ ତଥା ସମାଜର ସଭାପତି ଡ଼. ଖଗେଶ୍ୱର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ସ୍କୁଲ ଓ ଗଣ ଶିକ୍ଷା ବିଭାଗ, ଆଦିବାସୀ ଓ ହରିଜନ ତଥା ଅନ୍ୟାନ୍ୟ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମନ୍ତ୍ରୀ ନିଜ ଅଭିଭାଷଣରେ ସମସ୍ତ ସମାଜର ସମସ୍ତ ଭାଇ-ଭଉଣୀଙ୍କୁ ଏକତ୍ରିତ ହୋଇ ସମାଜ ଓ ଜାତିର ସାମଗ୍ରିକ ବିକାଶରେ ଯୋଗଦାନ କରିବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଯୋଗେନ୍ଦ୍ର ନାୟକ, ଜଗନ୍ନାଥ ନାୟକ (ପୂର୍ବତନ ବିଧାୟକ, ପାଟଣା-କେଉଁଝର), ଇଂ. କୈଳାସ ଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦାନ କରି ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଯୋଗେନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଭାପତି ଡ଼.ଖଗେଶ୍ୱର ନାୟକ ସମାଜ ଗଠନର ରୂପ ରେଖ ଓ ଭୂମିକା ଉପରେ ବିସ୍ତୃତ ଉପସ୍ଥାପନ କରିଥିଲେ ।କରଞ୍ଜିଆର ସମ୍ପାଦକ ଗୋକୁଳ ଚନ୍ଦ୍ର ନାୟକ ମଧ୍ୟ ମତବ୍ୟକ୍ତ କରିବା ସହ ନିଜର ଅଭିଜ୍ଞତା ସମ୍ପର୍କରେ ଉଲ୍ଲେଖ କରିଥିଲେ । ଏହି ଅବସରରେ ବନ୍ଧୁମିଳନ ସହ ନୂତନ କର୍ମକର୍ତ୍ତା ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ମହିଳା, ଶିଶୁ ଓ କିଶୋରମାନଙ୍କ ପାଇଁ କୌତୁକିଆ ଓ ଆକର୍ଷଣୀୟ ଖେଳାକୁଦ କାର୍ଯ୍ୟକ୍ରମ ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ବିଦ୍ୟାଳୟ ଅର୍ଥ ଆତ୍ମସାତ ମାମଲାରେ ପ୍ରଧାନଶିକ୍ଷକ ଓ କମିଟି ସଭାପତିଙ୍କୁ ଜେଲ

**ଭୁବନେଶ୍ୱର,୧୧।୨ (ମହାଭାରତ):** ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ସମର ବିଳାସ ବେହେରା ଆଜି ଏକ ବିଦ୍ୟାଳୟ ଅର୍ଥ ଆତ୍ମସାତ ମାମଲାର ବିଚାର କରି ମାମଲାର ସାକ୍ଷୀ ଓ ପ୍ରମାଣ ଆଧାରରେ କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ର ତୁଆକୁଲା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶଚନ୍ଦ୍ର ନାୟକ ଓ ସେହି ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ତୁଆକୁଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷା କମିଟି ର ସଭାପତି ଧ୍ରୁବଚରଣ ମାଝୀଙ୍କୁ ୪ ବର୍ଷ ଜେଲ ଓ ୨୦ ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଉଭୟଙ୍କୁ ଆଉ ଅଧିକ ୪ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ବିଚାରପତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଭି ଭି ରାମଦସ ପରିଚାଳନା କରିଥିଲେ। ସୁଚନା ଅନୁଯାୟୀ କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ତୁଆକୁଲା ପ୍ରାଥମିକ ବିଦ୍ୟାଳୟ ର ନିର୍ମାଣ ପାଇଁ ଉଦିଷ୍ଟ ଥିବା ୨ ଲକ୍ଷ ୪୧ ହଜାର ୭୨୨ ଟଙ୍କା କୁ ବିଦ୍ୟାଳୟ ଗୃହ ନିର୍ମାଣ ଉଦ୍ଦେଶ୍ୟରେ ବ୍ୟବହାର କରା ନ ଯାଇ ଏହି ଟଙ୍କା କୁ ଉଭୟ ପ୍ରଧାନଶିକ୍ଷକ ଓ କମିଟି ସଭାପତି ମିଶି ଆତ୍ମସାତ କରିଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଏ ନେଇ ଏକ ମାମଲା ୪୦/ ୨୦.୦୮.୨୦୧୫ ରୁଜୁ କରି ଘଟଣାର ତଦନ୍ତ କରିଥିଲେ। ଏଥିରେ ଉଭୟଙ୍କୁ ଦୋଷୀ ଥିବା ନେଇ ପ୍ରମାଣ ପାଇ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ଭିଜିଲାନ୍ସ। ଆଜି ସେହି ମାମଲାର ବିଚାର କରି ଉପରୋକ୍ତ ରାୟ ଦେଇଛନ୍ତି ବିଚାରପତି।

# ଶିକ୍ଷା କ୍ଷେତ୍ରରେ ଏଆଇ ବ୍ୟବହାର ସମ୍ପର୍କିତ ସମ୍ମିଳନୀ

**ଭୁବନେଶ୍ୱର,୧୧।୨ (ମହାଭାରତ):** ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗକୁ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଏଆଇସି-ସୋଆ ଫାଉଣ୍ଡେସନ୍ ଓ ଅଲ୍ ଇଣ୍ଡିଆ କାଉନ୍‌ସିଲ ଫର୍ ଟେକ୍ନିକାଲ୍ ଏଜୁକେସନ୍ (ଏଆଇସିଟିଇ)ର ମିଳିତ ସହଭାଗିତାରେ ଏକ ସମ୍ମିଳନୀ ଶନିବାର ସୋଆରେ ଆୟୋଜିତ ହୋଇଯାଇଛି। ନୀତି ନିର୍ଦ୍ଧାରଣ, କାର୍ଯ୍ୟାଭ୍ୟାସ ଏବଂ ଭବିଷ୍ୟତ ପନ୍ଥାରେ ଶିକ୍ଷା କ୍ଷେତ୍ରରେ କିଭଳି ଏଆଇକୁ ବ୍ୟବହାର କରାଯାଇପାରିବ ସେ ନେଇ ଏହି ଏକ ଦିବସୀୟ ସମ୍ମିଳନୀରେ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ ଏଆଇ ଶିକ୍ଷା ବ୍ୟବସ୍ଥା କ୍ଷେତ୍ରରେ ପରିବର୍ତ୍ତନ ଆଣୁଥିବା ବେଳେ ପ୍ରଚଳିତ ବ୍ୟବସ୍ଥା ସହ ନୂତନ ଜ୍ଞାନକୌଶଳକୁ ଏକତ୍ରିତ କରି ଏଆଇର ବ୍ୟବହାର କରାଯାଇପାରିବ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍)ର କୁଳପତି ପ୍ରଫେସର ବିଭୁତି ଭୂଷଣ ବିଶ୍ୱାଳ ପାଠ୍ୟକ୍ରମରେ ଏଆଇ ବ୍ୟବହାରର ଉପଯୋଗିତା ସହ ଭାଷା ଭିତିକ ଅନୁବାଦ ଉପରେ ବେଶ ପ୍ରଭାବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସିଭି ରମଣ ଗ୍ଲୋବାଲ୍ ୟୁନିଭର୍ସିଟିର କୁଳପତି ପ୍ରଫେସର (ଡକ୍ଟର) ବଂଶୀଧର ମାଝି, ଓର୍‌ଟସ୍ ଇନୋଭେସନ୍‌ର ସିଇଓ ଶ୍ରୀ ବିରେନ୍ ମିଶ୍ର, ଲାଇଭ୍‌ଲିହୁଡ୍ ଅଲଟରନେଟିଭ୍‌ସର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସମ୍ବିତ ତ୍ରିପାଠୀ, ଆଇଆଇଟି, ଭୁବନେଶ୍ୱରର ଏଆଇ ଆଣ୍ଡ ଏଚ୍‌ପିସି ରିସର୍ଚ୍ଚ ସେଂଟରର ପ୍ରତିଷ୍ଠାତା କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ କେ. ନନ୍ଦ, କଗ୍ନିଜାଂଟ, ଭୁବନେଶ୍ୱରର ଉପସଭାପତି ଓ ଶାଖା ମୁଖ୍ୟ ଶ୍ରୀ ସତୀଶ ପ୍ରଧାନ, ଅତରଭ କ୍ଲାଉଡ୍ ପ୍ରାଇଭେଟ ଲିମିଟେଡର ସିଇଓ ଶ୍ରୀ ଜୟନ୍ତ ପଣ୍ଡା, ଏଆଇର ବ୍ୟବହାର, ଏହାର ଉଭୟ ଭଲ ଏବଂ ଖରାପ ଦିଗ, ଡିଜିଟାଲ୍ ଲିଟିରାସି, ଏଆଇ କେନ୍ଦ୍ରୀୟ ନୀତି, ସାଇବର ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।



ଏହି ସମ୍ମିଳନୀରେ ସୋଆ ଆନ୍ତର୍ଜାତିକ ପରାମର୍ଶଦାତା ମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ, ଏଆଇସି-ସୋଆ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ), ବିଶିଷ୍ଟ ନ୍ୟୁରୋସର୍ଜନ ପଦ୍ମଶ୍ରୀ ପ୍ରଫେସର ଅଶୋକ କୁମାର ମହାପାତ୍ର ଚିକିତ୍ସା କ୍ଷେତ୍ରରେ ଏଆଇ ବ୍ୟବହାରର ରୂପାନ୍ତରୀକରଣ ବିଶେଷ କରି ନ୍ୟୁରୋସାଇନ୍ସ ଏବଂ ଅତ୍ୟାଧୁନିକ ଚିକିତ୍ସା ସମ୍ପର୍କିତ ନିଷ୍ପତି କ୍ଷେତ୍ରରେ ଏଆଇର ପ୍ରୟୋଗ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସମ୍ମିଳନୀରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ କିପରି ଭାବେ ଏଆଇକୁ ବ୍ୟବହାର କରିବେ ଏହାକୁ ନେଇ ନିତି କିପରି ରହିବ କାର୍ଯ୍ୟକାରୀ କିପରି ହେବ ଏବଂ ଭବିଷ୍ୟତକୁ ଦୃଷ୍ଟିରେ ରଖି ନିତି କିପରି କରାଯିବ ତାହାକୁ ନେଇ ଆଲୋଚନା ହୋଇଛି। ବର୍ତମାନ ଚାଲିଥିବା ଚିରାଚରିତ ପାଠ୍ୟକ୍ରମକୁ ଆଗାମୀ ଭବିଷ୍ୟତକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରିବା ନିମନ୍ତେ ମତ ପ୍ରକାଶ ପାଇଛି। ଏଆଇକୁ ଟୁଲ ପରି ବ୍ୟବହାର କରିବାର ଆବଶ୍ୟକତା ରହିଛି। ଏହା ଦ୍ୱାରା ଅଳ୍ପ ସମୟରେ ଅଧିକ ଜ୍ଞାନ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇପାରିବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ଏଆଇକୁ ଶିକ୍ଷା କ୍ଷେତ୍ରରେ ସଠିକ୍ ଭାବେ ବ୍ୟବହାର କରିବା ଆବଶ୍ୟକ ବୋଲି ଏହି କର୍ମଶାଳାରେ ଆଲୋଚନା କରାଯାଇଛି।

# ସରକାରଙ୍କୁ ଘେରିଲେ ରାହୁଲ

ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏହା ଉପରେ ସଂସଦରେ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି ଯାହା ନିରର୍ଥକ। କାରଣ ଅତୀତ ନୁହେଁ, ବର୍ତ୍ତମାନର ସ୍ଥିତି ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ନରୱାଣେଙ୍କ ବହିକୁ ନେଇ ଯେଉଁ ରାଜନୀତି ଏବଂ ସଂସଦରେ ଅଚଳାବସ୍ଥା ସୃଷ୍ଟି ହୋଇଛି ତାହା ନିରର୍ଥକ। ଗତ ବର୍ଷ ଚୀନ ସହ ସୀମା ବିବାଦର ସମାଧାନ ନିମନ୍ତେ ନୂଆ ଉଦ୍ୟମ ଆରମ୍ଭ ହୋଇଛି। ଭାରତ ଓ ଚୀନ ମଧ୍ୟରେ ନିର୍ଦ୍ଧାରିତ ବାସ୍ତବ ସୀମା ରେଖା ଯାହା ଏଲଏସି ନାମରେ ପରିଚିତ ତାହା ଏବେ ଶାନ୍ତ ପଡ଼ିଛି। ୨୦୨୦ରୁ ଏହା ଅଶାନ୍ତ ଏବଂ ଅସ୍ଥିର ରହିଥିଲା। ୨୦୨୦ ମେ'ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚୀନ ସେନା ମୁହାଁମୁହିଁ ହେବା ପରେ ଉଭୟ ପକ୍ଷ ମଧ୍ୟରେ ଏକ ପ୍ରକାର ଖଣ୍ଡଯୁଦ୍ଧ ହୋଇଥିଲା। ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଥିଲେ। ପରେ ଏଲଏସିର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଚୀନ ସେନା ଭାରତୀୟ ସୀମାରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିବା ବେଳେ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ହୋଇଛି। କହିବା ବାହୁଲ୍ୟ ଯେ, ଏଲଏସି ହେଉଛି ବିଶ୍ୱର ସବୁଠାରୁ ଦୀର୍ଘତମ ଦ୍ୱିପାକ୍ଷିକ ଭୌଗଳିକ ସୀମାରେଖା। ଏହା ମଧ୍ୟ ବିଶ୍ୱର ସବୁଠାରୁ ବିପଜ୍ଜନକ ଏବଂ ଆନ୍ତ ସୀମା। ପାକିସ୍ତାନ ସହିତ ସୀମାରେଖା ବା ଏଲଓସି ଏବଂ ଚୀନ ସହିତ ସୀମାରେଖା ଏଲଏସି ଅତି ନିକଟତର ଏବଂ ଉଭୟ ସୀମାରେଖା ଭାରତ ପାଇଁ ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଭାରତକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏହା ଭାରତର ସୁରକ୍ଷା ଏବଂ ନିରାପତ୍ତା ସହ ଜଡ଼ିତ। ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ଗତ ୪ ବର୍ଷ ହେବ ଭାରତ ସରକାର ଚୀନ ସହ ବରାବର କୂଟନୈତିକ ଏବଂ ସାମରିକ ସ୍ତରରେ ଆଲୋଚନା ଜାରି ରଖିଛନ୍ତି। ଏହା ଫଳରେ ଉଭୟ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି ଏବଂ ୨୦୨୦ର ସ୍ଥିତି ବଜାୟ ରଖିବାକୁ ସ୍ଥିର କରାଯାଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ଭାରତୀୟ ସେନା ପାଟ୍ରୋଲିଂ କରିବେ। କିନ୍ତୁ ଚୀନର ପ୍ରତିଶ୍ରୁତି ସବୁବେଳେ ପାଣିର ଗାର ହୋଇଛି। ଚୀନ ପାଇଁ ବନ୍ଧୁତା କେବଳ ଲାଭକ୍ଷତିର ହିସାବ ଉପରେ ଆଧାରିତ। ମୋଦି ଓ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ଦୁଇ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ପୂର୍ବପରି ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। କିନ୍ତୁ ସମୟ କହିବ ଚୀନ ଏହି ବୁଝାମଣାକୁ କେତେଦୂର କାର୍ଯ୍ୟକାରୀ କରିବ ବା ଗ୍ରହଣ କରିବ। କାରଣ ଭାରତ ସହ ଚୀନର ସୀମା ବିବାଦ ଅନେକ ଦଶନ୍ଧି ପୁରୁଣା। ଅରୁଣାଚଳ ପ୍ରଦେଶରୁ ଆରମ୍ଭ କରି ଲଦାଖ ପର୍ଯ୍ୟନ୍ତ ଏହି ବିବାଦ ପରିବ୍ୟାପ୍ତ। ଭାରତର ଅରୁଣାଚଳ ପ୍ରଦେଶକୁ ଚୀନ ସର୍ବଦା ନିଜର ଅଞ୍ଚଳ ଭାବେ ଦାବି କରି ଆସୁଛି। ପ୍ରତିବର୍ଷ ଚୀନ ସରକାରଙ୍କ ପକ୍ଷରୁ ଜାରି ହେଉଥିବା ମାନଚିତ୍ରରେ ଅରୁଣାଚଳକୁ ନିଜର ଅଞ୍ଚଳ ଭାବେ ଚୀନ ଚିତ୍ରଣ କରି ଆସୁଛି। ପ୍ରତିବର୍ଷ ଭାରତ ଏହାର ପ୍ରତିବାଦ କରି ଆସୁଛି। କିନ୍ତୁ ସ୍ଥିତିରେ ପରିବର୍ତ୍ତନ ଆସୁନି କିମ୍ବା ଚୀନ ଭାରତର ପ୍ରତିବାଦକୁ ଗ୍ରହଣ କରୁନାହିଁ। ୧୯୬୧ରେ ଭାରତ-ଚୀନ ଯୁଦ୍ଧରେ ଅରୁଣାଚଳ ପ୍ରଦେଶର ଏକ ବଡ଼ ଅଞ୍ଚଳ ଚୀନ ଦଖଲକୁ ଚାଲିଯାଇଛି। ଏହାବ୍ୟତିତ କାଶ୍ମୀର ଏବଂ ଲଦାଖର ଅନେକ ଅଞ୍ଚଳକୁ ମଧ୍ୟ ଚୀନ ଜବର ଦଖଲ କରିଛି। ୧୯୬୧ରେ ଭାରତର ସାମରିକ ଶକ୍ତି ଚୀନର ମୁକାବିଲା ପାଇଁ ପର୍ଯ୍ୟାପ୍ତ ନଥିଲା। ତେଣୁ ଭାରତ ଚୀନଠାରୁ ଏସବୁ ଅଞ୍ଚଳ ଛଡ଼ାଇ ଆଣିପାରିଲା ନାହିଁ। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ଭୁଲ ନୀତି ଯୋଗୁ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ଚୀନ ବାରମ୍ବାର ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଅନୁପ୍ରବେଶ କରିବା ଲାଗି ପ୍ରୟାସ କରିଛି।

# ଗୀତା ପ୍ରେସକୁ ଗାନ୍ଧୀ ଶାନ୍ତି ପୁରସ୍କାର

"

*ସବୁଠାରୁ ଆଶ୍ଚର୍ଯ୍ୟର କଥା ଗୀତା ପ୍ରେସ ଆଜି ପର୍ଯ୍ୟନ୍ତ କୌଣସି ବିଜ୍ଞାପନ, ସରକାରୀ ପୃଷ୍ଠପୋଷକତା କିମ୍ବା ଦାନ ଗ୍ରହଣ କରୁନାହିଁ । ୧୯୨୬ରୁ 'କଲ୍ୟାଣ' ପତ୍ରିକା ମାସିକ ନିରନ୍ତର ବହୁଳ ପ୍ରକାଶନ ହେଉଛି । କିନ୍ତୁ ଏହି ପତ୍ରିକାରେ କୌଣସି ବିଜ୍ଞାପନ ଦେଖିବାକୁ ମିଳେନାହିଁ । ସମାଜରେ ସନାତନ ମୂଲ୍ୟବୋଧର ପ୍ରଚାର ପ୍ରସାର ଏହାର ଏକମାତ୍ର ଲକ୍ଷ୍ୟ । ଏଣୁ କୌଣସି ଲାଭ ନରଖି କେବଳ ଉତ୍ପାଦନ ମୂଲ୍ୟ ସହିତ ପୁସ୍ତକଗୁଡିକ ବିକ୍ରି ହୋଇଥାଏ । ଗୀତା ପ୍ରେସର ପ୍ରାୟ ୧୮୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ପ୍ରକାଶନ ମଧ୍ୟରୁ ୭୫୦ ହିନ୍ଦୀ ଓ ସଂସ୍କୃତରେ ପ୍ରକାଶିତ ହୋଇଛି । ବାକି ସମସ୍ତ ଭାରତର କେତେକ ପ୍ରାନ୍ତୀୟ ଭାଷାରେ ପ୍ରକାଶ ହୋଇଛି ।*

**॥ ସର୍ବେଶ୍ୱର ବେହେରା ॥**

ଭାରତ ସରକାର ଗୀତା ପ୍ରେସକୁ ୨୦୨୧ ମସିହାର ଗାନ୍ଧୀ ଶାନ୍ତି ପୁରସ୍କାର ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି । ଗତ ଏକ ଶତାବ୍ଦୀ ଧରି ଗୀତା ପ୍ରେସ ନିଃସ୍ୱାର୍ଥ ଓ ନିଷ୍ପାପର ଭାବେ ସନାତନ ଧର୍ମର ପ୍ରଚାର ଓ ପ୍ରସାର କରୁଛି । ଗତ ଶହେ ବର୍ଷ ଧରି ଗୀତା ପ୍ରେସ ପ୍ରାୟ ୭୨କୋଟି ପୁସ୍ତକ ପ୍ରକାଶ କରି ସାମାଜିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ କ୍ଷେତ୍ରରେ ଏକ କୀର୍ତ୍ତିମାନ ସ୍ଥାପନ କରିଛି । ଏହା ସହିତ ଗୀତା ପ୍ରେସ ମାସିକ ପତ୍ରିକା 'କଲ୍ୟାଣ' ନିୟମିତ ପ୍ରକାଶ କରୁଛି । ଏହାର ସର୍ବାଦୌ ଆଦୃତ ହେଉଛି । ପ୍ରତ୍ୟେକ ବର୍ଷ 'କଲ୍ୟାଣ' ଏକ ବିଶେଷାଙ୍କ ପ୍ରକାଶ କରୁଛି, ଯାହାକୁ ପାଠକମାନେ ପ୍ରତୀକ୍ଷା କରିଥାଆନ୍ତି । ଚଳିତବର୍ଷ ବିଶେଷାଙ୍କର ନାମ ଥିଲା 'ଦୈବୀ ସମ୍ପଦା' ।

ଗୀତା ପ୍ରେସ୍‌ର ସ୍ଥାପନା ୧୯୨୩ ମସିହା ଏପ୍ରିଲ ମାସରେ ହୋଇଥିଲା । ଏହାର ସଂସ୍ଥାପକ ଶ୍ରୀ ଜୟଦୟାଲ ଗୋଏଙ୍କା (୧୮୮୫-୧୯୬୪) ଥିଲେ । ଉତ୍ତର ପ୍ରଦେଶର ଗୋରଖପୁରଠାରେ ଏହା ପ୍ରତିଷ୍ଠା ହୋଇ ଆଜି ପର୍ଯ୍ୟନ୍ତ ନିରନ୍ତର ଭାବେ ପାଠକମାନଙ୍କ ସେବା କରିଆସୁଛି । ଶ୍ରୀ ଗୋଏଙ୍କା ଭଗବତ୍ ଗୀତା ପ୍ରତି ସମର୍ପିତ ଥିଲେ । ସେ ଗୀତା ପ୍ରେସର ପ୍ରତିଷ୍ଠା ମୁଖ୍ୟତଃ ଗୀତାର ବହୁଳ ପ୍ରଚାର ପ୍ରସାର ପାଇଁ କରିଥିଲେ । ଗତ ଶହେ ବର୍ଷ ଧରି ଗୀତା ପ୍ରେସ ସର୍ବାଧିକ ଶ୍ରୀମଦ୍ ଭଗବତ୍ ଗୀତା ମୁଦ୍ରଣ କରିଛି । ଏ ପର୍ଯ୍ୟନ୍ତ ୧୬କୋଟି ଶ୍ରୀମଦ୍ ଭଗବତ୍ ଗୀତା ବିକ୍ରୟ ହୋଇଛି । ଗୀତା ପୁସ୍ତକ ପରେ ଶ୍ରୀ ହନୁମାନ ଚାଳିଶା ପୁସ୍ତକ ପ୍ରାୟ ୧୦ କୋଟି ମୁଦ୍ରଣ ହୋଇଛି । ତୃତୀୟ ସ୍ଥାନରେ ଶ୍ରୀରାମଚରିତ ମାନସ, ଯାହା ପ୍ରାୟ ତିନି କୋଟିରୁ ଉର୍ଦ୍ଧ୍ୱ ମୁଦ୍ରଣ ହୋଇଛି । ଏ ସମସ୍ତ ପୁସ୍ତକ କେବଳ ସଂସ୍କୃତ ଓ ହିନ୍ଦୀରେ ନୁହେଁ, ଅପିତୁ କେତେକ ପ୍ରାନ୍ତୀୟ ଭାଷାରେ ମଧ୍ୟ ମୁଦ୍ରଣ ହୋଇଛି ।

ଶ୍ରୀ ଗୋଏଙ୍କାଙ୍କ ସହିତ ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର ପରେ ଏହି ସନାତନ ମୂଲ୍ୟବୋଧ କାର୍ଯ୍ୟରେ ସଂଲଗ୍ନ ହେଲେ । ସ୍ୱାମୀ ରାମସୁଖ ଦାସ, ଶ୍ରୀ ଚମ୍ପନଲାଲ ଗୋସ୍ୱାମୀ, ସ୍ୱାମୀ ଅଖଣ୍ଡାନନ୍ଦ ସରସ୍ୱତୀ ଆଦି ମହାନ ସଂସ୍କାରକମାନେ ଏହାର କଳେବର ବର୍ଦ୍ଧିତ କରିଛନ୍ତି । ଶ୍ରୀ ପୋଦ୍ଦାର 'କଲ୍ୟାଣ' ମାସିକ ପତ୍ରିକା ପ୍ରକାଶନ ସହିତ ସନାତନ ଧର୍ମର ବହୁ ଗ୍ରନ୍ଥ ଯଥା- ଶ୍ରୀମଦ୍ ଭଗବତ୍ ଗୀତା, ରାମାୟଣ, ପୁରାଣ, ଭାଗବତ, ଗୋସ୍ୱାମୀ ତୁଳସୀଦାସ ଆଦି ମହାପୁରୁଷଙ୍କ ରଚିତ ଗ୍ରନ୍ଥ ଏବଂ ଶ୍ରୀଚୈତନ୍ୟ ଚରିତାମୃତ ଆଦିକୁ ଜନସାଧାରଣଙ୍କ ନିକଟରେ ସରଳ ଓ ସୁଲଭ ଭାବେ ଉପସ୍ଥାପନ କରିଛନ୍ତି । ସମସ୍ତ ଉପନିଷଦଗୁଡ଼ିକ ସହିତ ଆଦି ଶଙ୍କରାଚାର୍ଯ୍ୟଙ୍କ ଭାଷ୍ୟକୁ ଗୀତା ପ୍ରେସ ମଧ୍ୟ ମୁଦ୍ରଣ କରିଛି । ଗୀତା ପ୍ରେସ ସଂକ୍ଷିପ୍ତ ମହାଭାରତ ଓ ସମ୍ପୂର୍ଣ୍ଣ ମହାଭାରତ ସର୍ବପ୍ରଥମେ ପ୍ରକାଶ କରିଛି । ଉତ୍ତରପ୍ରଦେଶ ସହିତ ହିନ୍ଦୀ ଭାଷାଭାଷୀ କ୍ଷେତ୍ରରେ ସଂସ୍କାରିତ ପରିବାରରେ 'କଲ୍ୟାଣ' ପତ୍ରିକା ଦେଖିବାକୁ ମିଳୁଛି। ଗୀତା ପ୍ରେସର ଚାହିଦା ବିପୁଳ ମାତ୍ରାରେ ଦେଖିବାକୁ ବୃଦ୍ଧି ପାଉଛି । ଦେଶର ପ୍ରମୁଖ ରେଳଷ୍ଟେସନ ଓ ବସ୍‌ଷ୍ଟାଣ୍ଡମାନଙ୍କରେ ଗୀତା ପ୍ରେସର ପୁସ୍ତକ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି । ଏହାର ଏକମାତ୍ର କାରଣ ଯେ ଗୀତା ପ୍ରେସ ସନାତନ ସେବା ନିମିତ୍ତ ସମର୍ପିତ ଏକ ସଂସ୍ଥା, କୌଣସି ବ୍ୟବସାୟିକ ସଂସ୍ଥା ନୁହେଁ । ଏହାର ଉଦ୍ଦେଶ୍ୟ ରୋଜଗାର କରି ଲାଭାନ୍ୱିତ ହେବା ନୁହେଁ ।

ସବୁଠାରୁ ଆଶ୍ଚର୍ଯ୍ୟର କଥା ଗୀତା ପ୍ରେସ ଆଜି ପର୍ଯ୍ୟନ୍ତ କୌଣସି ବିଜ୍ଞାପନ, ସରକାରୀ ପୃଷ୍ଠପୋଷକତା କିମ୍ବା ଦାନ ଗ୍ରହଣ କରୁନାହିଁ । ୧୯୨୬ରୁ 'କଲ୍ୟାଣ' ପତ୍ରିକା ମାସିକ ନିରନ୍ତର ବହୁଳ ପ୍ରକାଶନ ହେଉଛି । କିନ୍ତୁ ଏହି ପତ୍ରିକାରେ କୌଣସି ବିଜ୍ଞାପନ ଦେଖିବାକୁ ମିଳେନାହିଁ । ସମାଜରେ ସନାତନ ମୂଲ୍ୟବୋଧର ପ୍ରଚାର ପ୍ରସାର ଏହାର ଏକମାତ୍ର ଲକ୍ଷ୍ୟ । ଏଣୁ କୌଣସି ଲାଭ ନରଖି କେବଳ ଉତ୍ପାଦନ ମୂଲ୍ୟ ସହିତ ପୁସ୍ତକଗୁଡିକ ବିକ୍ରି ହୋଇଥାଏ । ଗୀତା ପ୍ରେସର ପ୍ରାୟ ୧୮୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ପ୍ରକାଶନ ମଧ୍ୟରୁ ୭୫୦ ହିନ୍ଦୀ ଓ ସଂସ୍କୃତରେ ପ୍ରକାଶିତ ହୋଇଛି । ବାକି ସମସ୍ତ ଭାରତର କେତେକ ପ୍ରାନ୍ତୀୟ ଭାଷାରେ ପ୍ରକାଶ ହୋଇଛି ।

ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟର ରାମମନ୍ଦିର ସମ୍ବନ୍ଧୀୟ ନିର୍ଣ୍ଣୟ ଆସିବା ପରେ ୨୦୨୧ ମସିହାରେ ଗୀତା ପ୍ରେସ 'ଅଯୋଧ୍ୟା ଦର୍ଶନ' ନାମରେ ଏକ ସୁନ୍ଦର ପୁସ୍ତକ ପ୍ରକାଶ କରିଛି । ୧୨୮ ପୃଷ୍ଠା ବିଶିଷ୍ଟ ରଙ୍ଗୀନ ପୁସ୍ତକରେ ଅଯୋଧ୍ୟାର ରାୟ ସହିତ ଅଯୋଧ୍ୟାରେ ଥିବା ମୁଖ୍ୟ ମନ୍ଦିରଗୁଡ଼ିକର ସଂକ୍ଷିପ୍ତ ପରିଚୟ ପ୍ରଦାନ କରାଯାଇଛି। ଏଥିରେ ଅଯୋଧ୍ୟାର ଶାସ୍ତ୍ରୀୟ ମହତ୍ତ୍ୱକୁ ଅତି ସରଳ ଭାଷାରେ ଉଲ୍ଲେଖ କରାଯାଇଛି । ବିଶ୍ୱର ଜନସାଧାରଣଙ୍କ ପାଇଁ ଇଂରାଜୀ ଭାଷାରେ ଶ୍ରୀମଦ ଭଗବତ୍ ଗୀତା, ହନୁମାନ ଚାଳିଶା, ଶ୍ରୀରାମଚରିତ ମାନସ ଆଦି ପ୍ରକାଶ ପାଇଛି । ଇଂରାଜୀ ଭାଷାରେ ଏହି ପୁସ୍ତକ ଗୁଡିକ ବିଶ୍ୱରେ ବହୁଳ ଆଦୃତ ହେଉଛି।

ଗତ କିଛିଦିନ ତଳେ ଦେଶରେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ)ରେ ପ୍ରଚାର କଲେ ଯେ ଗୀତା ପ୍ରେସ ବନ୍ଦ ହୋଇଯିବ । ଏହା ବିପୁଳ କ୍ଷତିରେ ଚାଲୁଛି । କେତେକ ସମ୍ବାଦପତ୍ରରେ ମଧ୍ୟ ଏହା ପ୍ରକାଶ ପାଇଲା । ବାସ୍ତବରେ ଏହା ସତ୍ୟ ନୁହେଁ । କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନେ ଏହି ଗୀତା ପ୍ରେସ ନାଁରେ ଚାନ୍ଦା ସଂଗ୍ରହ ପାଇଁ ଏପରି ବିଭ୍ରାନ୍ତକାରୀ ସମ୍ବାଦ ପରିବେଷଣ କରିଥିଲେ । ଗୀତା ପ୍ରେସ କେବଳ ଭାରତରେ ନୁହେଁ, ଅପିତୁ ବିଶ୍ୱର ଏକ ଅଗ୍ରଣୀ ସଂସ୍ଥା । ୨୦୨୦ ମସିହାରେ ଗୀତା ପ୍ରେସ ୧୧ କୋଟି ଅର୍ଥ ବ୍ୟୟ କରି ଜର୍ମାନୀରୁ ପୁସ୍ତକ ବନ୍ଧେଇ (ବାଇଣ୍ଡିଂ) ମେସିନ କ୍ରୟ କରିଛି । ୨୦୨୧ ମସିହାରେ ଜାପାନରୁ ଛଅ କୋଟି ଅର୍ଥ ବ୍ୟୟରେ 'ଫୋର କଲର ଅପସେଟ୍ ପ୍ରିଣ୍ଟିଂ' ମେସିନ କ୍ରୟ କରିଛି । ପୁସ୍ତକଗୁଡିକର ଉତ୍କୃଷ୍ଟ ପ୍ରକାଶନ ଓ ବନ୍ଧେଇ ପାଇଁ ଗୀତା ପ୍ରେସ ସର୍ବଦା ଧ୍ୟାନକେନ୍ଦ୍ରିତ କରୁଛି । ପ୍ରତିବର୍ଷ ପ୍ରାୟ ୬୦ କୋଟି ଟଙ୍କାର ପୁସ୍ତକ ବିକ୍ରି ହେଉଛି । ତା'ଛଡା ୫ କୋଟି ଟଙ୍କାର 'କଲ୍ୟାଣ' ମାସିକ ପତ୍ରିକା ବିକ୍ରି ହେଉଛି । ପ୍ରତ୍ୟେକ ବର୍ଷ ପ୍ରାୟ ୫ହଜାର ମେଟ୍ରିକ୍ ଟନ କାଗଜ ପ୍ରକାଶନ ପାଇଁ ଆବଶ୍ୟକ ହେଉଛି । ଏଥିରେ ୧୮୫ଜଣ ନିୟମିତ ଓ ୨୦୦ ଜଣ ଅସ୍ଥାୟୀ କର୍ମଚାରୀ କାର୍ଯ୍ୟ କରୁଛନ୍ତି ।

ଗୀତା ପ୍ରେସ ଦ୍ୱାରା ଅନେକ ସେବା କାର୍ଯ୍ୟ ଚାଲିଛି । ଗୀତାଭବନ ସେବାଗ୍ରାମଠାରେ ପ୍ରାୟ ୧୦୦୦ରୁ ଅଧିକ ନିବାସ କକ୍ଷ ଅଛି । ଏଠାରେ ପ୍ରତ୍ୟେକ ଦିନ ସତ୍‌ସଙ୍ଗ, ସାଧୁ ସନ୍ଥମାନଙ୍କ ପାଇଁ ନିବାସ, ନିଃଶୁଳ୍କ ଆୟୁର୍ବେଦ ଚିକିତ୍ସା ସେବା ତଥା କମ୍ ମୂଲ୍ୟରେ ଭୋଜନ ମିଳୁଛି । ସାଧୁସନ୍ଥମାନଙ୍କ ପାଇଁ ନିଃଶୁଳ୍କ ଭୋଜନ ଓ ବସ୍ତ୍ରାଦି ପ୍ରଦାନ କରାଯାଉଛି । ଗୀତା ଭବନର ଆୟୁର୍ବେଦ ସଂସ୍ଥାଠାରେ ଆୟୁର୍ବେଦ ଔଷଧ ଉତ୍ପାଦନ ହୋଇଥାଏ । ସେବାଗ୍ରାମ ଦ୍ୱାରା ଗୋରଖପୁର, କୋଲକାତା, ଚୁରୁ (ରାଜସ୍ଥାନ), ସୁରତ (ଗୁଜୁରାଟ) ଆଦି ସ୍ଥାନମାନଙ୍କରେ ନିଃଶୁଳ୍କ ଆୟୁର୍ବେଦୀୟ ଚିକିତ୍ସା ପ୍ରଦାନ କରାଯାଉଛି । ଗୀତା ପ୍ରେସର ବ୍ରହ୍ମଚର୍ଯ୍ୟ ଆଶ୍ରମ ଚୁରୁଠାରେ ଚାଲୁଛି । ଏଠାରେ ବ୍ରହ୍ମଚାରୀମାନଙ୍କୁ ନିଃଶୁଳ୍କ ଶିକ୍ଷା, ନିବାସ, ଚିକିତ୍ସା, ଭୋଜନ ଆଦି ପ୍ରଦାନ କରାଯାଉଛି । ବ୍ରହ୍ମଚାରୀମାନଙ୍କୁ ଗୁରୁକୁଳ ପଦ୍ଧତିରେ ଶିକ୍ଷା ପ୍ରଦାନ କରାଯାଉଛି । କୋଲକତାଠାରେ ଥିବା ଗୋବିନ୍ଦ ଭବନଠାରେ ଏହାର ମୁଖ୍ୟ କାର୍ଯ୍ୟାଳୟ ଅଛି । ଏଠାରେ ପ୍ରତ୍ୟେକ ଦିନ ଗୀତାପାଠ ସହିତ ସାଧୁସନ୍ଥମାନଙ୍କର ପ୍ରବଚନ ହେଉଛି । ଗୀତା ପ୍ରେସକୁ ଗାନ୍ଧୀ ଶାନ୍ତି ପୁରସ୍କାର ପ୍ରଦାନକୁ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିରୋଧ କରୁଛନ୍ତି । ଏହି ବ୍ୟକ୍ତିମାନେ ଭାରତୀୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପୁସ୍ତକ ସହିତ ସତ୍‌ସାହିତ୍ୟ ପ୍ରକାଶନର ବିରୋଧୀ ବୋଲି ସ୍ପଷ୍ଟ ଜଣାପଡୁଛି। ଗୀତା ପ୍ରେସ ଗତ ୧୦୦ ବର୍ଷ ଧରି ଭାରତୀୟ ଜନମାନସରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଚେତନା ସୃଷ୍ଟି କରୁଛି । କେତେକ ରାଜନୈତିକ ନେତାମାନେ ସନାତନ ସଂସ୍କୃତିର ବାହକ ଗୀତା ପ୍ରେସ୍‌କୁ ବିରୋଧ କରି ନୀଚ ସଂଖ୍ୟାଲଘୁ ତୁଷ୍ଟୀକରଣ କରୁଛନ୍ତି । ଭାରତୀୟ ସନାତନ ସଂସ୍କୃତି, ଆଧ୍ୟାତ୍ମିକ, ସାଂସ୍କୃତିକ ଜାଗରଣକୁ ବିରୋଧ କରି ନିଜକୁ ଶ୍ରେଷ୍ଠ ଧର୍ମନିରପେକ୍ଷବାଦୀ ବୋଲି ପରିଗଣିତ କରିବା ଏହି ନେତାମାନଙ୍କର ଫେସନ ହୋଇଗଲାଣି । ପ୍ରକାଶ ଥାଉ କି ଗୀତା ପ୍ରେସ ଗାନ୍ଧୀ ଶାନ୍ତି ପୁରସ୍କାର ପାଇଁ ନିଜର ନୀତି ସହିତ ସାଲିସ କରିନାହିଁ । ସେ କେବଳ ପୁରସ୍କାର ଗ୍ରହଣ କରିବ, ପୁରସ୍କାର ସ୍ୱରୂପ ଏକ କୋଟିରୁ ରାଶି ଗ୍ରହଣ କରିବ ନାହିଁ । କାରଣ ସେ ତା'ର ଜନ୍ମଠାରୁ ଆଜିପର୍ଯ୍ୟନ୍ତ କୌଣସି ଦାନ ଗ୍ରହଣ କରିନାହିଁ ।

**ଆଡଭୋକେଟ, ଖଟବିନ ସାହି, କଟକ**
**ମୋ-୯୪୩୭୦୧୬୩୮୪**

# ଜୀବନ ଚଳଣୀର ମୂଳ ମନ୍ତ୍ର

**॥ ଯଶସ୍ୱିନୀ ପଟ୍ଟନାୟକ ॥**

ଜୀବନ କ'ଣ ? ଜୀବନର ଅନ୍ତର୍ନିହିତ ଉପଲବ୍ଧି ଓ ଚେତନା କ'ଣ ? ଏପରି ଅନେକ ଅନୁଚାରିତ ପ୍ରଶ୍ନ ଆମ ମାନଙ୍କ ଭିତରେ ଅନେକ ସମୟରେ ଉଠିଥାଏ। କିଛି ସମୟ ପାଇଁ ଆମେ ଭାବୁକ ବା କେହି କେହି ଭାବ ପ୍ରବଣ ଆଧ୍ୟାତ୍ମିକତା ଭିତରକୁ କିଛି ସମୟ ପାଇଁ ଚାଲିଯାଆନ୍ତି। ଦେବ ଦର୍ଶନ କରନ୍ତି, ଦାନ ଧର୍ମ କରନ୍ତି, କେହି କେହି ପିତାମାତଙ୍କୁ ନିଜ ପ୍ରକୃତ ଈଶ୍ୱର ଭାବି କିଛି ଦାୟିତ୍ୱ ନିର୍ବାହ କରନ୍ତି। କେହି କେହି ପୁଣି ନିଜ ତେଲଲୁଣ ଜୀବନକୁ ନେଇ ଫେରି ଯାଆନ୍ତି ନିଜ ଦାନାପାଣିର ଝିନଝଟ ଭିତରକୁ। ଦାନଧର୍ମ କରିବା, ସତସଙ୍ଗରେ ବସିବା, ପରୋପକାରରେ ଲିପ୍ତ ରହିବା ଠାରୁ ସର୍ବଶ୍ରେଷ୍ଠ ଚେତନା ହେଉଛି ନିଜକୁ ଚିହ୍ନିବା। ସତରେ ଆମେ କ'ଣ ଏ ଯାଏଁ ନିଜକୁ ଚିହ୍ନି ପାରିଛେ ? ତାହାଲେ ଆମ ଭିତର ମଣିଷ ପଣିଆ ଅନେକ ସମୟରେ ହଜି ଯାଉଛି କିପରି ? ଆଜିର ମଣିଷ ଏଭଳି ପରିସ୍ଥିତିରେ ପହଞ୍ଚିଲାଣି ଯେ ନିଜର ସମ୍ପତ୍ତି ବ୍ୟତୀତ ଅନ୍ୟର ସମ୍ପତ୍ତିକୁ ବି ନିଜର ମନେକରୁଛି। ଆଉ ତାକୁ ଉପଭୋଗ କରିବାକୁ ମଧ୍ୟ କୁଣ୍ଠାକରୁନାହିଁ । ଭୋଗର ଶେଷ ପରିଣତି ଯେ ଦୁଃଖ ତାହା ମଣିଷ ସହଜରେ ବୁଝେନା । ଆବଶ୍ୟକତା ଠାରୁ ବହୁଅଧିକ ସଞ୍ଚୟକରିବା, କାରବାର ଠାରୁ ଅତିଅଧିକ ଜମିକୁ ଦଖଲ କରିବା, ଚଳପ୍ରଚଳ କରିବା ଠାରୁ ଖୁବ୍‌ବେଶୀ ଘର ତିଆରି କରିବା ଆଦି ମଣିଷର ଗୋଟାଏ ନିଶାରେ ପରିଣତ ହୋଇଛି । ଅନ୍ୟମାନେ ଉପଯୁକ୍ତ ରୋଜଗାର କରି ଏପରି ସୌଖୀନରେ ରହୁଛନ୍ତି ତାଙ୍କୁ ଦେଖି କମ୍ ରୋଜଗାର କରୁଥିବା ଲୋକ ବି ସେହି ପଥର ଯାତ୍ରୀ ହେଉଛି । ଯାହାଫଳରେ ସୁଖ ମିଳିବା ପରିବର୍ତ୍ତେ ଦୁଃଖ ଭୋଗ କରୁଛି । ଆହୁରି ଅନେକ ଅଛନ୍ତି ଯେଉଁମାନେ ନିଜ ଜିନିଷକୁ କାରବାର ବା ବ୍ୟବହାର ନକରି ଅନ୍ୟର ଜିନିଷରେ କାମ ଚଳାଇବାକୁ ଇଚ୍ଛା କରନ୍ତି । ଯାହାଫଳରେ ସମାଜରେ ସୃଷ୍ଟିହୁଏ ଅଭାବ । ଏ କଥା ବୁଝିବାକୁ ରାଜି ହୁଅନ୍ତି ନାହିଁ ଅନେକ । ସେମାନେ ପ୍ରକାଶ କରନ୍ତି ଯେତିକି ମିଳିଛି ତାହା ଯଥେଷ୍ଟ ନୁହେଁ, ତେଣୁ ଆହୁରି ଆବଶ୍ୟକ । ନିଜପାଇଁ ସଂଗ୍ରହ କରୁଛେ । ତା ସହିତ ପରପିଢ଼ୀମାନଙ୍କ ପାଇଁ ବି ସଂଗ୍ରହ କରୁଛେ। ଥରେ ଭାବି ଦେଖିଲେ ଆମେ ଅଯଥାରେ ଯେତିକି ସଞ୍ଚୟ କରୁଛେ, ତାହା ବର୍ତ୍ତମାନ ଲୋକ ପାଇଲେ କେତେ ଆନନ୍ଦରେ ରହନ୍ତେ । ଆମେ ଭାବୁଛେ ନିଜେ କେବଳ ଆନନ୍ଦରେ ରହିଲେ ଆରାମ୍‌ରେ ରହିପାରିବା । ଏତିକି ବୁଝୁନେ ଅନ୍ୟର ଦୁଃଖ ମଧ୍ୟ ଆମ ପାଇଁ ଦୁଃଖର କାରଣ ହୋଇଯାଏ । ଥରୁଟିଏ ଉପବାସ ରହି ସେହି ଖାଦ୍ୟ କାହାକୁ ବି ଦାନ ଦେଲେ ଦେଖିବ କେତେ ଆନନ୍ଦ ମିଳିବ । ଥରୁଟିଏ ନିଜ ପାଇଁ ସାଇତି ଥିବା ଦ୍ରବ୍ୟକୁ ଅନ୍ୟକୁ ଅର୍ପଣ କରି ଦେଖ କେତେ ସୁଖ ମିଳୁଛି । ବାସ୍ତବରେ ତ୍ୟାଗ ଭିତରେ ଯେଉଁ ଆନନ୍ଦ ଥାଏ ତାହା ଭୋଗରେ ନଥାଏ । ସେଥିପାଇଁ ଆମ ପୂର୍ବଜମାନେ କହିଛନ୍ତି ତେନ ତ୍ୟକ୍ତେନ ଭୁଞ୍ଜିଥାଃ । ନିଜର ସୁଖ ଭୋଗ ସହିତ ଅନ୍ୟକୁ ସାମିଲ୍ କରିବା ଉଚିତ୍ ।

ଟ୍ରେନ୍ ବା ବସ୍‌ରେ ଦୂର ଯାତ୍ରା କଲାବେଳେ ଦୁଇଜଣ ଅଚିହ୍ନା ବ୍ୟକ୍ତି ପାଖାପାଖି ବସିବାର ନଜିର ଅଛି । ଅତୀତରେ ସେପରି ବି ହେଉଥିଲା । ନିଜ ସମ୍ପର୍କୀୟ ଯେତିକି ବନ୍ଧୁ ବାନ୍ଧବ ଥିଲେ ଦୂର ତୀର୍ଥ ବା ଯାତ୍ରାରୁ ବହୁ ବନ୍ଧୁ ସୃଷ୍ଟି ହେଉଥିଲେ । ପରସ୍ପର ସହିତ ଭାବବିନିମୟ କରି ନୂଆ ବନ୍ଧୁଟିଏ ସୃଷ୍ଟିହେବା କଥା ଖୁବ୍ ଜଣାଶୁଣା । ଏହି ବନ୍ଧୁ ଖୁବ୍ ଆପଣାର ପାଲଟି ଯାଆନ୍ତି । ଭଲରେ ମନ୍ଦରେ ଠିଆହୁଅନ୍ତି । ଏମାନଙ୍କୁ କୁହାଯାଏ ସୁରୁଜବନ୍ଧୁ । ତେଣୁ ଅନେକ ପରିବାରରେ ଏବେ ବି ସୁରୁଜୁ ବନ୍ଧୁଙ୍କୁ ଲୋଡାଯାଏ । ଏପରି ବନ୍ଧୁ ସୃଷ୍ଟି ହେଉଥିଲା ପରସ୍ପରର ଭାବର ଆଦାନ ପ୍ରଦାନରୁ । ଏବେ କିନ୍ତୁ ଦୁଇ ଅପରିଚିତ ଏକାଠି ବସିଲେ ଦୀର୍ଘ ସମୟ ଧରି ପରସ୍ପର ସହିତ ଆଳାପ ଆଲୋଚନା ହେବାର ଦେଖାଯାଏନାହିଁ । କାହାର ଠିକଣା କେହି ରଖେନାହିଁ । ନିଜେ ନିଜେ କେବଳ ମୋବାଇଲ୍‌ରେ କଥା ହେବା, ଗେମ୍ ଖେଳିବା ବା ଅନ୍ୟ ଭାବନାରେ ମାତିଯିବାରେ ସମୟ ଅତିବାହିତ ହୋଇଯାଏ । ଯାହା ଫଳରେ ସୃଷ୍ଟିହୋଇପାରେ ନା ଆତ୍ମିୟତା ଭାବ । ପରସ୍ପର ସହିତ କଥା ହେଲେ ବା ଆଳାପ ଆଲୋଚନା କଲେ ନିଜର ଭାବକୁ ଅନ୍ୟକୁ ପ୍ରଦାନ କରି ଅନ୍ୟର ଭାବକୁ ଗ୍ରହଣ କଲେ ମନ ଫୁର୍ତ୍ତିରହେ । ଚିନ୍ତାମୁକ୍ତ ହୁଏ । ହେଲେ ଆଜିର ମଣିଷ ଏମିତି ବସ୍ତୁବାଦରେ ମାତିଯାଇଛି ଯେ କାହାରି ସହିତ ଭଲରେ କଥାପଦେ ହେବାକୁ ପସନ୍ଦ କରୁନାହିଁ । ମୋବାଇଲ୍‌ରେ ବହୁ ପ୍ରକାର ସଙ୍ଗୀତ ବା କାର୍ଯ୍ୟକ୍ରମକୁ ଉପଭୋଗ କରୁଛି । ସେ ଭାବେ ଏଥିରେ ମାନସିକ ଶାନ୍ତି ମିଳେ, ହେଲେ ବାସ୍ତବରେ ଶାନ୍ତି ମିଳେନାହିଁ । ଗୀତ ସରିଗଲାପରେ ପୂର୍ବର ଚିନ୍ତା ପୁଣି ମାଡିଆସେ । ବନ୍ଧୁଟିଏ କରିଥିଲେ ତା' ସହ ହସଖୁସି ହୋଇଥିଲେ ପରବର୍ତ୍ତି କ୍ଷଣରେ ସେହି ବନ୍ଧୁର ଚିନ୍ତା ଆସେ ଆଉ ମନ ହାଲ୍‌କା ହୋଇଯାଏ । କେବଳ ସେତିକି ନୁହେଁ ଦୂରଯାତ୍ରା ସମୟରେ ଅପରିଚିତ ଜଣେ ନିରବରେ ବସିରହିଥିବା ବେଳେ ଆମେ ବିଭିନ୍ନ ଜିନିଷ କିଣି କରି ଖାଇଥାଉ । ସେ ନିରବରେ ବସିଥାଆନ୍ତି । ଥରେ କେବେ ପାଖରେ ବସିଥିବା ଲୋକଟିକୁ ବା ବଲବଲ କରି ଚାହିଁଥିବା ନିରିହ ପିଲାଟିକୁ ନିଜ ଭାଗରୁ କିଛି ଦାନକର । ଦେଖିବ ତୁମ ଖାଇବାରେ ଯେତିକି ଆନନ୍ଦ ପାଉଛ, ଅନ୍ୟର ଖାଇବାରେ ତା'ଠାରୁ ଅଧିକ ଆନନ୍ଦ ପାଇବ । କେବଳ ମଣିଷ ବ୍ୟକ୍ତି କୈନ୍ଦ୍ରିକ ସ୍ୱାର୍ଥରେ ମାତି ଏପରି କରିଥାଏ । ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ବ୍ୟଷ୍ଟିଗତ ସ୍ୱାର୍ଥକୁ ଆଖିରେ ରଖିଲେ ବହୁ ଆନନ୍ଦ ମିଳେ । ଆମେ ମୋବାଇଲ୍ ବ୍ୟବହାର କରୁଛେ ତାହା ଆମ ପାଇଁ ଆବଶ୍ୟକ କିନ୍ତୁ ଯେତିକି ଦରକାର ତାହା ଠାରୁ ଅଧିକ ଆବଶ୍ୟକ କଲେ ତାହା ଦୁଃଖର କାରଣ ହୁଏ । ସେହିପରି ବନ୍ଧୁ ବାନ୍ଧବ ସୃଷ୍ଟିକରିବା ଉଚିତ୍ କିନ୍ତୁ ଲୋକ ଠିକ୍ ନା ଭୁଲ୍ ନିଜର ହୃଦୟ ଭାବକୁ ବୁଝୁଥିବା ଲୋକ ଦେଖି ବନ୍ଧୁ ବାନ୍ଧିବା ଦରକାର । ଯଦି ନିଜର ସର୍ବସ୍ୱ ଭୁଲି ବନ୍ଧୁଙ୍କ ସହିତ ସମ୍ପର୍କ ଜମେଇ ବସିଲେ ନିଜର ଜୀବନ ନଷ୍ଟ ହୋଇଯିବ। ଜୀବନର ତତ୍ତ୍ୱ ହେଉଛି ନିଜକୁ ଚିହ୍ନିବା ସହ ଅନ୍ୟ ମାନଙ୍କୁ ଚିହ୍ନିବା। ଯଥା ସମ୍ଭବ ପରୋପକାର କରିବା, ସମାଜ, ରାଜ୍ୟ, ଦେଶ ପ୍ରତି ନିଜ ସତତ୍ ଦାୟିତ୍ୱ ନିର୍ବାହ କରିବା। ମାନବୀୟ ମୂଲ୍ୟବୋଧକୁ ଜୀବନର ପ୍ରତିଟି କ୍ଷେତ୍ରରେ କାର୍ଯ୍ୟକାରୀ କରି ଜୀବନର ଚେତନାକୁ ଅନ୍ୟ ମାନଙ୍କ ଠାରେ ବାଣ୍ଟିବା। ତେବେ ଅନ୍ତତଃ ଶାନ୍ତି ଟିକିଏ ପାଇବାକୁ ଯାଇ ମଣିଷ ଅଶାନ୍ତିକୁ ଆବାହନ ନକରୁ । ଏହା ହିଁ ଜୀବନ ଚଳଣୀର ମୂଳ ମନ୍ତ୍ର ।

ଅଧକ୍ଷ, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ

# ମନ ମୋହର ଶ୍ରେଷ୍ଠ ଗୁରୁ

**॥ ପ୍ରଦୀପ୍ତ କୁମାର ମିଶ୍ର ॥**

ଏକଦା ଯଦି ପ୍ରଶ୍ନ କରାଯାଏ ଏ ପୃଥିବୀରେ ସବୁଠାରୁ କ୍ଷିପ୍ର କିଏ,ତେବେ ତାର ଉତ୍ତର କେଳ ମନ ହିଁ ଆସିବ। ମଣିଷର ମନ ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସବୁଠାରୁ ଚଳଚଞ୍ଚଳ ଏକଥା ସମସ୍ତେ ସ୍ୱୀକାର କରିବେ। ତେବେ ଏହି ମନର ଶକ୍ତିକୁ ପରିବର୍ଦ୍ଧିତ କରି ଜଣେ ମହାପୁରୁଷ ଆଖ୍ୟା ପାଇଥାଏ। ମଣିଷ ପାଇଁ ଏହି ମନ ହିଁ ଈଶ୍ୱରଙ୍କର ଶ୍ରେଷ୍ଠ ଆଶୀର୍ବାଦ। ଏଇଠି ଅଛି ପୁଣି ଏଇଠି ନାହିଁ କେଳ ଏହି ମନ। ମନନଶୀଳ ହେଲେ ସବୁଭଲ ମନକୁ ଆୟରେ ନରଖି ପାରିଲେ ସବୁ କେମିତି ଅବାସ୍ତବ ହୋଇଯାଏ। ମନର ପରିବର୍ତ୍ତନ ହେଲେ ସୁନା, ପିତ୍ତଳ ହୋଇଯାଏ, ମନ ରହିଗଲେ ଗଡ଼ିଆ ପାଣି ଗଙ୍ଗାଜଳ ହୋଇଯାଏ। ତେବେ ଏଥିରୁ ସ୍ପଷ୍ଟ ମନହିଁ ସବୁକିଛି ଓ ମନର ମୁଳରେ ହିଁ ଏ ସାରା ଜଗତ।

ମହାଭାରତ ଯୁଦ୍ଧର ପ୍ରାରମ୍ଭରେ ଅର୍ଜୁନଙ୍କ ରଥରେ ଭଗବାନ ଶ୍ରୀକୃଷ୍ଣ ସାରଥୀ ଥାଆନ୍ତି। ଏହି ସମୟରେ ଯୁଦ୍ଧକ୍ଷେତ୍ରରେ ସମସ୍ତ ନିଜଲୋକ ସଖା ସହୋଦରଙ୍କୁ ଯୁଦ୍ଧରେ ଅବତୀର୍ଣ୍ଣ ହେବାର ଦେଖି ଅର୍ଜୁନଙ୍କର ମନରେ ବିଷାଦ ଭରିଗଲା। ଏ ଯୁଦ୍ଧକଣ ରୋକି ହେବ ନାହିଁ ବୋଲି ତାଙ୍କମନରେ ସଂଶୟ ଭରିଗଲା। ସେ ତାଙ୍କର ଗାଣ୍ଡିବ ଥୋଇଦେଇ ଅନ୍ୟମନସ୍କ ହୋଇଗଲେ। କୃଷ୍ଣ ଏହାର କାରଣ ପଚାରନ୍ତେ ସେ ଯୁଦ୍ଧକଣ ଏକାନ୍ତ ଆବଶ୍ୟକ ଏହାର ଅନ୍ୟ କିଛି ପଦକ୍ଷେପ ନାହିଁ। ତେବେ ମୁଁ ମୋରି ନିଜମାନଙ୍କ ସହ ଯୁଦ୍ଧ ଅବା କେମିତି କରିପାରିବି। ବାଧହୋଇ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇ ତାଙ୍କର ଅତୀତର ତିକ୍ତ ଅନୁଭୂତି କଥା ସୁରାଇଦେଲେ। କିନ୍ତୁ ତଥାପି ଅର୍ଜୁନଙ୍କ ମୋହଭଙ୍ଗ ହୋଇପାରିନଥିଲା ତେବେ ତାହାପରେ ସେ ବିଶ୍ୱରୂପ ଦେଖାଇଥିଲେ। ସେହି ବିଶ୍ୱରୂପ ଦେଖି ଅର୍ଜୁନଙ୍କର ସଚେତନ ହୋଇଥିଲେ। ତେବେ ମନକୁ ଶାନ୍ତସରଳ ରଖିପାରିଲେ ଅନେକ ବଡ ବଡ କଥା ଛୋଟ ହୋଇଯାଏ। ଅନେକ



ମତାନ୍ତର ମନାନ୍ତରକୁ ଏଡ଼ାଇ ସବୁଗୁଡିକ ସହଜଢଙ୍ଗରେ କରିହୁଏ।

ଏହିମନକୁ ନେଇ ଯେତେ ମହାପୁରୁଷ ମାନେ ନିଜକୁ ଶାନ୍ତ ସ୍ୱଭାବର ରଖି ଅନେକ ଅସାଧ୍ୟକୁ ସାଧ କରିପାରିଥିଲେ। ସାଧନା ପାଇଁ ଗୋଟିଏ ଉନ୍ନତ ମନର ଆବଶ୍ୟକତା ଥାଏ। ତେଣୁ ମନର ଶାନ୍ତିହିଁ ପରମ ଗୁଣର ଆବାହକ। ମଣିଷର ମନ ଏକ ଆଶ୍ଚର୍ଯ୍ୟ ସମ୍ପଦ ଏହାର ନିୟନ୍ତ୍ରଣ ମଣିଷର ଶ୍ରେଷ୍ଠ ଗୁଣର ପରିଚୟକ ଏହାର ସନ୍ଦେହ ନାହିଁ।

**ଅରେଇ, ଯାଜପୁର ୯୬୫୮୬୨୪୭୨୮**

## ଓଲଟିଲା ଘରୋଇ ଯାତ୍ରୀବାହି ବସ, ବାଳକ ଗୁରୁତର

ଦଶପଲ୍ଲା,(ମହାଭାରତ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ବାଣୀଗୋଛା ଥାନା ଅନ୍ତର୍ଗତ ବଦଲା ନିକଟସ୍ଥ ଘାଟି ନିକଟରେ ମଙ୍ଗଳ ବାରଦିନ ବିଳମ୍ବିତ ରାତିରେ ବଲାଙ୍ଗୀର ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା 'ଜେନା' ନାମକ ଏକ ଘରୋଇ ଯାତ୍ରୀବାହି ବସ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରାପ୍ତସୂଚନା ଅନୁଯାୟୀ ଘାଟି ଉଠିବା ସମୟରେ ବ୍ରେକ ଫେଲ ହୋଇଥିବାରୁ ଏହି ଦୃଘଟଣା ଘଟିଥିଲା। ବସରେ ପଖାପଖି ୨୦ ରୁ ୨୫ ଜଣ ଯାତ୍ରୀ ରହିଥିବାବେଳେ ଏକ ବାଳକ ଅମନ ମିଶ୍ର (୧୩) ଗୁରୁତର ହୋଇଥିବା ଜଣାପଡିଛି । ଘଟଣା ସ୍ଥଳରେ ଆମ୍ବୁଲାନ୍ସ ଓ ଦଶପଲ୍ଲା ଦମକଳ ବାହିନୀ ପହଂଚି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିବାବେଳେ ବାଳକକୁ ଦଶପଲ୍ଲା ପରେ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି।

## ଜିଲ୍ଲାରେ ଦଶମ ବୋର୍ଡ ପରୀକ୍ଷା କେନ୍ଦ୍ର ପରିଚାଳନା ନେଇ ପ୍ରସ୍ତୁତି ବୈଠକ

ମାଲକାନଗିରି, (ମହାଭାରତ) : ଜିଲ୍ଲାରେ ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷା ଆୟୋଜନ ନେଇ ସ୍ଥାନୀୟ ଜିଲ୍ଲା ପରିଷଦ ସଭାକକ୍ଷ ଠାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଉପ ଆରକ୍ଷୀ ଅଧିକ୍ଷକ ଓନମ୍ ଲାକ୍ରା, ଜିଲ୍ଲା ମଙ୍ଗଳ ଅଧିକାରୀ ଏ ଶ୍ରୀନିବାସ ଆଚାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଉପସ୍ଥିତି ଥିଲେ ।ଏହି ବୈଠକରେ ଦଶମ ବୋର୍ଡ ପରୀକ୍ଷା କେନ୍ଦ୍ର ପରିଚାଳକ, ନୋଡାଲ କେନ୍ଦ୍ର ପ୍ରଧାନ ଶିକ୍ଷକ ଏବଂ ପ୍ରଶ୍ନପତ୍ର ରହିଥିବା କେନ୍ଦ୍ରର ଥାନା ଅଧିକାରୀଙ୍କୁ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ଶିକ୍ଷା ଅଧିକାରୀ ଭାଗୀରଥି ବେହେରା ବୋର୍ଡ କାର୍ଯ୍ୟାଳୟ କଟକ ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀ ସବୁ ବୁଝାଇଥିଲା ବେଳେ ଅତିରିକ୍ତ ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଅନ୍ୟାନ୍ୟ ନୀତି ନିୟମ ପରିବେଷଣ କରିଥିଲେ । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ପ୍ରସାଦ ବେହେରା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲା ବେଳେ ସମସ୍ତ ୪୬ ପରୀକ୍ଷା କେନ୍ଦ୍ର ପରିଚାଳକ ଓ ୨୦ ନୋଡାଲ ପ୍ରଧାନ ଶିକ୍ଷକ ସହ ପୋଲିସ ଅଫିସର ଯୋଗ ଦେଇଥିଲେ । କାର୍ଯ୍ୟାଳୟ ତରଫରୁ ଏହି ବର୍ଷ ମାଲକାନଗିରି ଜିଲ୍ଲାରୁ ଦଶମ ପରୀକ୍ଷାରେ ରେଗୁଲାର ଓ ଓପନ ସ୍କୁଲ ମିଶେଇ ୯୮୭୫ ପରୀକ୍ଷାର୍ଥୀ ୧୯ ଫେବୃଆରୀରୁ ୨ ମାର୍ଚ୍ଚ ଯାଏଁ ଭାଗ ନେବେ।

## ପୋଷ୍ୟ ସନ୍ତାନ ଗ୍ରହଣ କଲେ ପଶ୍ଚିମ ବଙ୍ଗ ଦମ୍ପତି

ପାରଳାଖେମୁଣ୍ଡି, (ମହାଭାରତ) : ଆଜି ଗଜପତି ଜିଲ୍ଲାରୁ ୭୭ତମ ଶିଶୁଙ୍କୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୁନୀନ୍ଦ୍ର ହୋନନଗା (ଓ.ପ୍ର.ସେ) ପୋଷ୍ୟ ସନ୍ତାନ ଭାବେ ପଶ୍ଚିମ ବଙ୍ଗ ରାଜ୍ୟର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଅବିବାହିତ ମାତାଙ୍କ ଦ୍ୱାରା ସମର୍ପିତ ହୋଇଥିବା ଏହି ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମ, ରାଣୀପେଟାଠାରେ ରଖାଯାଇଥିଲା। ପରବର୍ତ୍ତି ମୁହୂର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଙ୍କୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଙ୍କର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍ ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଦମ୍ପତ୍ତିଙ୍କ ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା।

## ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଡାହାଣୀ ସନ୍ଦେହରେ ନିର୍ଯ୍ୟାତନା ସଚେତନତା କର୍ମଶାଳା ଅନୁଷ୍ଠିତ




ମାଲକାନଗିରି, (ମହାଭାରତ) : ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଡାହାଣୀ ସନ୍ଦେହରେ ନିର୍ଯ୍ୟାତନା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକ,ମୁଖ୍ୟ ଜିଲ୍ଲା ଚିକିତ୍ସା କାର୍ଯ୍ୟାଳୟରୁ ଆସିଷ୍ଟାଣ୍ଟ ମ୍ୟାନେଜେର ସୂର୍ଯ୍ୟ ମହାପାତ୍ର, ପିଓ ଆଇସିଡିଏସ ସେଲ୍ ଇନ୍ଦିରା ପ୍ରଧାନ, ପିଓ ଟି.ଜୟାଲକ୍ଷ୍ମୀ , ଜିଲ୍ଲା ସଂଯୋଜକ ମହିଳା ସଶକ୍ତିକରଣ ମନି ମୋହନ ସରକାର ଏବଂ ଜିଲ୍ଲା ସଂଯୋଜକ କିଶୋରୀ ସଶକ୍ତିକରଣ, ୟୁନିସେଫ୍ କର୍ମଚାରୀ ମିନାକ୍ଷୀ ପ୍ରଧାନ ଉପସ୍ଥିତ ଥିଲେ। ଅତିଥି ମାନେ ଜିଲ୍ଲାରେ ଯେପରି କୌଣସି ମହିଳା ଡାହାଣୀ ସନ୍ଦେହ ରେ ନିର୍ଯ୍ୟାତନା ନ ହୁଅନ୍ତୁ ଏବଂ ଜିଲ୍ଲା ରେ ଗାଁ ଗାଁ ରେ ମହିଳା ମାନଙ୍କୁ ସଚେତନ କରିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମଚାରୀ, ଆଶା ଦିଦି,ଜେଣ୍ଡର ସିଆରପି , ଥାନା ଆରକ୍ଷୀ ଅଧିକାରୀ, କଲେଜ୍ ଛାତ୍ର ଛାତ୍ରୀ, ଦିଶାରୀ, ଗୁରୁମାଇ ,ଶକ୍ତି ସଦନ କର୍ମଚାରୀ, ୱାନ୍ ଷ୍ଟପ୍ ସେଣ୍ଟର୍ ର କର୍ମଚାରୀ , ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର କର୍ମଚାରୀ ଉପସ୍ଥିତ ଥିଲେ । ଉକ୍ତ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଆସିଷ୍ଟାଣ୍ଟ ଲିଗାଲ ଆଇଡି ଡ଼ିଫେନ୍ସ କାଉନସେଲର ସାଗର ପାଣିଗ୍ରାହୀ , ଡିଏସପି ଏଚ୍ ଆରପିସି, ଓନମ ଲାକ୍ରା ଉପସ୍ଥିତ ରହି ସମାଜରେ ମହିଳା ମାନେ ଡାହାଣୀ ସନ୍ଦେହ ରେ ନିର୍ଯ୍ୟାତନା ନ ହୁଅନ୍ତୁ । ଯଦି ନିର୍ଯାତିତ ହେଲେ ସେଥିପାଇଁ ଆଇନଗତ ପ୍ରାବିଧାନ ଦଣ୍ଡ କଣ ଅଛି ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ।

# ବଜେଟ ୨୦୨୬ ଉପଲକ୍ଷେ ଭାଜପା କୃଷକ ମୋର୍ଚ୍ଚାର କୃଷକ ସମ୍ବାଦ



ଚାନ୍ଦବାଲି, (ମହାଭାରତ) : କେନ୍ଦ୍ରୀୟ ବଜେଟ-୨୦୨୬ ଉପଲକ୍ଷେ ଭଦ୍ରକ ଜିଲ୍ଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଚାନ୍ଦବାଲିର ଦୁର୍ଗାପଡ଼ିଆଠାରେ ବୁଧବାର ପୁର୍ବାହ୍ନ ୧୧ଟାରେ ବିଶାଳ "କୃଷକ ସମ୍ବାଦ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଚାଷୀଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ କୁମାର ରାଉଳଙ୍କ ସଭାପତିତ୍ୱରେ ସମ୍ପନ୍ନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଯୋଗଦେଇ କେନ୍ଦ୍ରୀୟ ବଜେଟରେ କୃଷି କ୍ଷେତ୍ର ପାଇଁ ହୋଇଥିବା ଆବଣ୍ଟନ ବୃଦ୍ଧି, ପ୍ରଯୁକ୍ତି ଓ ଡିଜିଟାଲ ସଶକ୍ତିକରଣ, ଉଚ୍ଚ ମୂଲ୍ୟ ଓ ବିବିଧ କୃଷି, ସହଯୋଗୀ କ୍ଷେତ୍ରର ବିକାଶ, କୃଷି ଋଣ ସୁବିଧା, ବଜାର ପ୍ରବେଶ ଓ ଭ୍ୟାଲୁ ଚେନ ସୁଦୃଢ଼ୀକରଣ, ଫସଲ ବୀମା, କୃଷକ କଲ୍ୟାଣ ଯୋଜନା, ପ୍ରାକୃତିକ କୃଷି ଓ ଗବେଷଣା-ପ୍ରସାର ଆଦି ବିଷୟରେ ବିସ୍ତୃତ ଅଲୋଚନା କରିଥିଲେ। ସେ କହିଥିଲେ ଯେ, ଏହି ବଜେଟ ମାଧ୍ୟମରେ କୃଷକମାନେ ଫସଲ, ପାଣିପାଗ, ବଜାର ଓ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ବ୍ୟକ୍ତିଗତ ପରାମର୍ଶ ପାଇ ସ୍ୱାବଳମ୍ବୀ ହୋଇପାରିବେ। ରାଜ୍ୟ ସଭାପତି ଚାନ୍ଦବାଲି ପହଞ୍ଚିବା ପରେ ଦଳୀୟ କର୍ମୀମାନେ ସ୍ଥାନୀୟ ବଜାରରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ସଦର ମୋହକୁମାରେ ଅବସ୍ଥିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରି ସଭାସ୍ଥଳକୁ ଯାଇଥିଲେ। କାର୍ଯ୍ୟକ୍ରମର ସଂଯୋଜନା ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଉପେନ୍ଦ୍ର କୁମାର ରାଉଳ କରିଥିଲେ। ଏହାରେ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ସୋସିଆଲ ମିଡିଆ ସଂଯୋଜକ ବିକାଶ ପାଢ଼ୀ, ରାଜ୍ୟ ସଂଯୋଜକ ଶିବ ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି ମଙ୍ଗରାଜ ନାୟକ, ସାଧାରଣ ସମ୍ପାଦକ ସ୍ୱଦେଶ ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ପୂର୍ଣ୍ଣଚନ୍ଦ୍ର ପାଣି, ଜୋନ ସଭାପତି ଚନ୍ଦନ ବଳ, କାହ୍ନୁଚରଣ ବେହେରା,ପ୍ରବୀର ରାଉତ, ସରପଞ୍ଚ ଦିଲ୍ଲୀପ ରାଉତ, ସୁଶାନ୍ତ ପୁହାଣ, , କେଶବ ବେହେରା, ସନ୍ତୋଷ ବାରିକ, ତ୍ରିଲୋଚନ ବେହେରା,ଜୁବୁଲା ମହାନ୍ତି, ଗୌରହରି ରାଉତ, କିଶ୍ୱର ଦାସ, ମଳୟ ନାୟକ, ଅଶୋକ ରାୟ,ସୋସିଆଲ ମିଡିଆ ସଂଯୋଜକ ଅଶୋକ ରାଉତ, ଉଦୟ କେତନ ବିଶ୍ୱାଳ ଓ ମିଡିଆ ସେଲର କିଷାନ ପାତ୍ର ସହ ଅନେକ କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ କୃଷକମାନଙ୍କ ସହ ପ୍ରଶ୍ନୋତ୍ତର ଆଲୋଚନା ମଧ୍ୟ ଆୟୋଜିତ ହୋଇଥିଲା।

## ଏସ୍.କେ.ସି.ଜି. ସ୍ୱୟଂଶାସିତ ମହାବିଦ୍ୟାଳୟରେ ନାକ୍( ଘଇଇଉ) ଗୁଣମାନ ସଂସ୍କୃତି ବିଷୟରେ ଏକଦିନିଆ କର୍ମଶାଳା ଅନୁଷ୍ଠିତ



ପାରଳାଖେମୁଣ୍ଡି, (ମହାଭାରତ) : ଗଜପତି ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଅନ୍ତଃ ଗୁଣବତ୍ତା ଆଶ୍ୱାସନ ପ୍ରକୋଷ୍ଠ (ଓଛଇଉ) ତରଫରୁ "ନାକ୍ ? (ଘଇଇଉ) ମାନ୍ୟତା ପାଇଁ ଗୁଣମାନ ସଂସ୍କୃତିର ଅନ୍ତର୍ନିହିତକରଣ : ଆଇ.କ୍ୟୁ.ଏ.ସି. ଦୃଷ୍ଟିକୋଣ" ଶୀର୍ଷକରେ ଏକ ଏକଦିନିଆ କର୍ମଶାଳା ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ସୁଭେନ୍ଦୁ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରି କର୍ମଶାଳାର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ଆଇ.କ୍ୟୁ.ଏ.ସି. ସଂଯୋଜକ ଡ. ବିଘ୍ନେଶ୍ୱର ମିଶ୍ର ତାଙ୍କ ଉଦ୍ ?ବୋଧନରେ ଉଚ୍ଚଶିକ୍ଷା ସଂସ୍ଥାରେ ଗୁଣମାନ ଆଶ୍ୱାସନକୁ ଏକ ଅବିରତ ପ୍ରକ୍ରିୟା ଭାବେ ଗ୍ରହଣ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଉପସ୍ଥିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଜିତେନ୍ଦ୍ର ନାଥ ପଟ୍ଟନାୟକ ତାଙ୍କ ଅଭିଭାଷଣରେ ନାକ୍ ? ମାନ୍ୟତାକୁ କେବଳ ମୂଲ୍ୟାୟନ ମାଧ୍ୟମ ନୁହେଁ, ବରଂ ସଂସ୍ଥାଗତ ଗୁଣମାନ ଉନ୍ନତିର ଏକ ଦୃଢ଼ ଢାଞ୍ଚା ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ସିୟୁଟିମ (ଉଟଞ୍ଜଗ) ର ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଏବଂ ସଂଯୋଜକ ଡ. ଗିରିଶ ପ୍ରସାଦ ରଥ ତାଙ୍କ ଭାଷଣରେ ଆଇ.କ୍ୟୁ.ଏ.ସି.ର ଭୂମିକା, ଘଇଇଉ ମାନଦଣ୍ଡ ସହ ଆଭ୍ୟନ୍ତରୀଣ ଗୁଣବତ୍ତା ପ୍ରଣାଳୀର ସମନ୍ୱୟ ଓ ଡକ୍ୟୁମେଣ୍ଟେସନର ପ୍ରାୟୋଗିକ ପ୍ରାସଙ୍ଗିକତା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରୋଫେସର ରାଧାକାନ୍ତ ଭୂୟାଁ ସଭାପତିତ୍ୱ କରି ସମସ୍ତ ବିଭାଗର ସାମୁହିକ ଅଂଶଗ୍ରହଣ ଦ୍ୱାରା ଗୁଣମାନ ସଂସ୍କୃତି ସଫଳ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଏହି କର୍ମଶାଳାରେ ମହାବିଦ୍ୟାଳୟର ସମସ୍ତ ବିଭାଗ ମୁଖ୍ୟ ଓ ଆନ୍ତଃ ଗୁଣବତ୍ତା ଆଶ୍ୱାସନ ପ୍ରକୋଷ୍ଠର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାର୍ଥକ କରିଥିଲେ। ଶେଷରେ ଭୂଗୋଳ ବିଭାଗର ସହକାରୀ ପ୍ରଫେସର ଶ୍ରୀ ଆର୍ଚିସ୍ମାନ ସର୍ଦ୍ଦାର ଧନ୍ୟବାଦ ଅର୍ପଣ କରିଥିଲେ।

## ଉଦଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ



ଉଦଳା, (ମହାଭାରତ) : ଉଦଳା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉଦଳା ର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ବିନ୍ଧାଣୀଙ୍କ ସଭାପତିତ୍ୱରେ ପାଳିତ ହୋଇ ଯାଇଛି। ଉକ୍ତ ସଭାରେ ପ୍ରମିଳା ପଣ୍ଡା,ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ମୁଖ୍ୟ ଅତିଥି,ଦୀପକ କୁମାର ମିଶ୍ର,ଗୋଷ୍ଠୀ ଶିକ୍ଷା ଅଧିକାରୀ,ଉଦଳା ସ୍ୱତନ୍ତ୍ର ଅତିଥି, ମିନତୀ ମଞ୍ଜରୀ ପଣ୍ଡା,ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ,ଉଦଳା ମୁଖ୍ୟ ବକ୍ତା, ଉର୍ମିଳା ୱାର୍ଡ କାଉନସିଲର ୧୦ନମ୍ବର ୱାର୍ଡ,ସନ୍ଧ୍ୟା ରାଣୀ ବାରିକ,ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଉଦଳା,ସଞ୍ଜୟ କୁମାର ଖ୍ୱଙ୍କମ ମଷବସକ୍ୱ କ୍ତରକ୍ୱଖ୍ୱକ୍ଟଭ, ବସନ୍ତ ପରିଡ଼ା,ପୁରାତନ ଛାତ୍ର ସଂସଦ ସଭାପତି, ଗୌର କିଶୋର ବିନ୍ଧାଣୀ,ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉଦଳା ଏନ ଏ ସି ସମ୍ମାନିତ ଅତିଥି ରୂପରେ ସଭାରେ ଯୋଗ ଦେଇଥିଲେ ।ପୂର୍ବରୁ ଅନୁଷ୍ଠିତ ହୋଇଥିବା କ୍ରୀଡା ମହୋତ୍ସବରେ ମୋଟ ୩ଟି ବିଭାଗ ର ମୋଟ ୧୫ଗୋଟି କ୍ରୀଡା ପ୍ରତିଯୋଗିତା ରେ ୬୫ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କର ଯାଇଥିଲା ।ଶିକ୍ଷୟିତ୍ରୀ ଆଦ୍ୟାଶା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ସ୍ଥଳେ ଶିକ୍ଷୟିତ୍ରୀକବିତା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ ।ଶେଷରେ ଶିକ୍ଷୟିତ୍ରୀ ସୁଜାତା ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା.ଉକ୍ତ କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ପୁରାତନ ଛାତ୍ର ଚନ୍ଦନ,ନନ୍ଦିନୀ ଙ୍କ ସହଯୋଗ ରେ ସାଫଲ୍ୟ ମଣ୍ଡିତ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ସବିତା ଦାସ, ବହୁବନ୍ଧ କ୍ଲଷ୍ଟର ସିଆରସିସି ବୈଶାଖୀ ସାହୁ ସହଯୋଗ କରିଥିଲେ।

## ବିଜେଡି ଜିଲ୍ଲା କମିଟିର ନୂତନ କର୍ମକର୍ତ୍ତା ଙ୍କୁ ପାରାଦୀପ ବିଜୁ ଜନତା ଦଳ ପକ୍ଷରୁ ସ୍ୱାଗତ



ପାରାଦୀପ, (ମହାଭାରତ) : ଗତ ଫେବୃଆରୀ ୬ ତାରିଖରେ ଜଗତସିଂହପୁର ଜିଲ୍ଲା ବିଜେଡି କମିଟିର ନୂତନ କର୍ମକର୍ତ୍ତା ଙ୍କ ନାମ ଘୋଷଣା ହୋଇଛି । ଏଥିରେ ପାରାଦୀପ ପୌରାଞ୍ଚଳର ବିଜେଡି ନେତା ଚିତ୍ତ ରଞ୍ଜନ ରାଉତରାୟ (ମିଟୁ ଭାଇ) ଏବଂ ଚିନ୍ମୟ ରଞ୍ଜନ ପରିଡା ଜିଲ୍ଲା ସାଧାରଣ ସମ୍ପାଦକ,ମାନସ ରଞ୍ଜନ ବିଶ୍ୱାଳ ଓ ସୁଶୀଲ କୁମାର ମହାପାତ୍ର ପ୍ରମୁଖ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ତେବେ ଏହି ଦାୟିତ୍ୱ ଘୋଷଣା ପରେ ପାରାଦୀପ ନଗର ବିଜେଡି ସଭାପତି କୁମରବର ନାୟକ, ବରିଷ୍ଠ ବିଜେଡି ନେତା ସୁମନ୍ତ କୁମାର ବିଶ୍ୱାଳ, ଯୁବ ବିଜେଡି ନେତା ରଶ୍ମି ରଞ୍ଜନ ପରିଡା, କେ.ରାମବାବୁ, ଚିତ୍ତ ରଞ୍ଜନ ମଲ୍ଲିକ, ରଞ୍ଜନ ଦାସ, ପାରିଷଦ ମନୋଜ କୁମାର ନାୟକ ଓ ପ୍ରଭାତୀ ନାୟକ ପ୍ରମୁଖ ନବ ଘୋଷିତ ଜିଲ୍ଲା କର୍ମକର୍ତ୍ତା ମାନଙ୍କୁ ଅଭିନନ୍ଦନ ଜଣାଇଥିବା ବେଳେ ବିଜୁ ଜନତା ଦଳ ରାଜ୍ୟ ସଭାପତି ନବୀନ ପଟନାୟକ, ବିଜେଡି ଜଗତସିଂହପୁର ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲି ଏବଂ ପୂର୍ବତନ ବିଧାୟକ ତଥା ବିଜେଡି ନେତା ସମ୍ବିତ ରାଉତରାୟ ଙ୍କୁ କୃତଜ୍ଞତା ଜଣାଇଛନ୍ତି । ଗତ ନିର୍ବାଚନରେ ଦଳର ପରାଜୟ ପରେ ପାରାଦୀପ ବିଜେଡି ସଂଗଠନର ନବକଳେବର କରାଯାଇ ସମସ୍ତଙ୍କୁ ଏକତ୍ରିତ କରାଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ବିଜେଡି ପାରାଦୀପ ନଗର ସଭାପତି ଶ୍ରୀ ନାୟକ ସୂଚନା ଦେଇଛନ୍ତି ।

# ଚତୁର୍ଥଉତ୍କଳ କୃଷିମେଳା ୨୦୨୬ ଉଦଘାଟିତ




ଗଜପତି, ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠରେ ଥିବା ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ପରିସରରେ ଉତ୍କଳ କୃଷି ମେଳାର ଚତୁର୍ଥ ସଂସ୍କରଣ ଉଦଘାଟିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମାନ୍ୟବର ମତ୍ସ୍ୟ ଓ ପଶୁସମ୍ପଦ୍ ବିକାଶ ଏବଂ ଏମ୍ ଏସ୍ଏମ୍ ଇ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପାରଳା ବିଧାୟକ ଇଂ ରୂପେଶ ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜୀ ତିରୁପତି ରାଓ, ବିଶ୍ୱ ବିଦ୍ୟାଳୟର ଭାଇସ ଚାନ୍ସଲର ପ୍ରଫେସର ଡକ୍ଟର ଅଜୟ କୁମାର ନାୟକ,ବିଶ୍ୱ ବିଦ୍ୟାଳୟର ଉପ ସଭାପତି ପ୍ରଫେସର ଡି ଏନ୍ ରାଓ, କୁଳପତି ପ୍ରଫେସର ଡକ୍ଟର ସୁପ୍ରିୟା ପଟ୍ଟନାୟକ ଏବଂ କୁଳସଚିବ ପ୍ରଫେସର ଡକ୍ଟର ଅନିତା ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ଥିଲା ।ବିଶ୍ୱବିଦ୍ୟାଳୟର ପ୍ରଫେସର (ଡ.) ଅଜୟ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମ ଓଡ଼ିଶାର ତୃଣମୂଳ ସ୍ତରରେ କୃଷି ବିକାଶ ଏବଂ କୃଷକ ମାନଙ୍କ ଉନ୍ନତି ଉପରେ କେନ୍ଦ୍ରିତ ଥିଲା ।ଦକ୍ଷତା ଆଧାରିତ କୃଷି ଶିକ୍ଷା କୁ ପ୍ରୋତ୍ସାହିତ କରିବା ଏବଂ କୃଷି,ମତ୍ସ୍ୟ,ପଶୁପାଳନ କ୍ଷେତ୍ରର ଚାଷୀମାନଙ୍କ ନିକଟରେ ବିଭିନ୍ନ କୃଷି ପ୍ରଯୁକ୍ତି ବିଦ୍ୟା ପହଞ୍ଚାଇବାରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଭୂମିକାକୁ ମାନ୍ୟବର ମନ୍ତ୍ରୀ ଭୂୟସ ପ୍ରଶଂସା କରିଥିଲେ। ତତ୍ ସହିତ କୃଷି ମେଳାରେ ଉପସ୍ଥିତ ସମସ୍ତ ଚାଷୀ ଭାଇ ଭଉଣୀ ମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ଲାଭାନୀତ୍ୱ ହେବା ପାଇଁ ପ୍ରେରିତ କରିଥିଲେ। ପ୍ରଗତିଶୀଳ ଚାଷୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଷ୍ଠିତ ପ୍ରତିଷ୍ଠାନ, ଏନ ଜୀ ଓ, ଏଫ ପି ଓ, ଛାତ୍ର ଛାତ୍ରୀ ଏବଂ ବିଭିନ୍ନ ସରକାରୀ ବିଭାଗର ଗବେଷକ ଏବଂ ବୈଜ୍ଞାନିକ ମାନେ ଉପସ୍ଥିତ ଥିଲେ କୃଷି ଏବଂ ଆନୁଷ୍ଠାନିକ ଉତ୍ସାହ ପ୍ରଦର୍ଶନ ପାଇଁ ୭୦ ଟି ଷ୍ଟଲ ପଦର୍ଶିତ ହୋଇ ଥିଲା। ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟର କୁଳସଚିବ ଡକ୍ଟର ଅନିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପନୀର ଭୁଜିଆ

ପନୀରକୁ ଶାକାହାରୀ ଭୋଜନରେ ବହୁତ ପସନ୍ଦ କରାଯାଏ । କାରଣ ଯେତେବେଳେ ବି କୌଣସି ସ୍ପେଶାଲ ଡ଼ିସ ପ୍ରସ୍ତୁତ କରାଯାଏ ସେତେବେଳେ ଆଗ ପନୀରକୁ ରଖାଯାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ଝଟପଟ ପସ୍ତୁତ ହେଉଥିବା ମସାଲାଦାର ପନୀର ଭୁଜିଆ ନେଇ ଆସିଛୁ । ତେବେ ଆସନ୍ତୁ ଜାଣିବା ଏହା ବନାଇବାର ପ୍ରସ୍ତୁତି ।

ଆବଶ୍ୟକ ସାମଗ୍ରୀ

ପନୀର-୧୦୦ଗ୍ରାମ,ଟମାଟୋ-୨ଟା,ପିଆଜ-୧ (ଛୋଟ କଟା ହୋଇଥିବା),କଞ୍ଚା ଲଙ୍କା-୨,ଅଦା-ଅଳ୍ପ ପେଶା ହୋଇଥିବା,ରସୁଣ-୨କୋଳା,ସୁଖିଲା ମସଲା,ଜିରା -୧/୪ ଚାମଚ,ହଳଦି-ଚିମୁଟାଏ,ଗରମ ମସଲା-୧/୨ ଚାମଚ,ତେଲ-ଆବଶ୍ୟକ ଅନୁଯାୟୀ,ଲୁଣ-ସ୍ୱାଦାନୁସାରେ

ପ୍ରସ୍ତୁତି ପ୍ରଣାଳୀ:

ସର୍ବ ପ୍ରଥମେ ପନୀରକୁ କଦ୍ଦୁକସ କରିଦିଅନ୍ତୁ । ତାପରେ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏହା ପରେ ଜିରା, ପିଆଜ,କଞ୍ଚା ଲଙ୍କା,ଅଦା ଏବଂ ରସୁଣ ପକାନ୍ତୁ । ଏହା ସୁନେଲୀ ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଟମାଟୋ ପକାଇ ପାଣି ମାରି ଦିଅନ୍ତୁ । ତାପରେ ସୁଖିଲା ମସଲା ପକାଇ ଭାଜନ୍ତୁ ।ଏହା ପରେ ମସଲାରେ ପନୀର ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ପନୀର ଭୁଜିଆ ।



## ଖବର

# ଅଧର୍ମୀଙ୍କୁ ବିନାଶ କରି ଧର୍ମ ପ୍ରତିଷ୍ଠା



ଧର୍ମାତ୍ମା ବ୍ୟକ୍ତି ସର୍ବଦା ଅନ୍ୟମାନଙ୍କ ପାଇଁ ଧମାଚରଣର ଚିହ୍ନ ଅଙ୍କିତ କରିଚାଲିବ । ସେ ବ୍ୟକ୍ତିଗତ ଜୀବନରେ ଅନ୍ୟାୟ କରିବ ନାହିଁ କିମ୍ବା ଅନ୍ୟାୟ ସହିବ ନାହିଁ । ସେ ସାମାଜିକ ଜୀବନରେ ମଧ୍ୟ କୌଣସି ଅନ୍ୟାୟ କରିବ ନାହିଁ । ଯେଉଁ ଦିଗରେ ଅନ୍ନ, ବସ୍ତ୍ର, ଶିକ୍ଷା, ଚିକିତ୍ସାର ବ୍ୟବସ୍ଥା ଥିବ ସେ ସେହି ଦିଗ ପ୍ରତି ଗୁରୁତ୍ୱଦେବ । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଅବତାର ନେଇଥିଲେ । ସେ ସମୟରେ ସାରା ଭାରତ ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇ ରହିଥିଲା । ଛୋଟ ଛୋଟ ରାଜ୍ୟ କେବଳ ପରସ୍ପର ସହ କ୍ଷମତା ପାଇଁ ସଂଘର୍ଷ କରୁଥିଲେ । ଚାରିଆଡ଼େ ଅଧର୍ମ ଖେଳିଯାଇଥିଲା । କେହି କାହାରିକୁ ସହିପାରୁନଥିଲେ । ଯୁଦ୍ଧ ଏବଂ ସଂଘର୍ଷରେ ସର୍ବଦା ବ୍ୟସ୍ତ ରହୁଥିବାରୁ ଲୋକ କଲ୍ୟାଣ ପାଇଁ ରାଜାମାନେ ଗୁରୁତ୍ୱ ଦେଉନଥିଲେ । ତତ୍‌କାଳୀନ ରାଜାମାନେ ସାମ୍ରାଜ୍ୟବିସ୍ତାର ଲାଳସାରେ ନାନା ଅଧର୍ମ କରୁଥିଲେ । ସର୍ବଦା ଯୁଦ୍ଧ ଲାଗି ରହୁଥିବାରୁ ଧନଜୀବନ ବିପନ୍ନ ହେଉଥିଲା । ବଡ଼ ରାଜାମାନେ ଅତ୍ୟାଚାରୀ ହୋଇପଡ଼ିଥିଲେ । ଛୋଟ ରାଜାମାନେ ଆତ୍ମରକ୍ଷା କରିବାରେ ଅସମର୍ଥ ଥିଲେ, ତେଣୁ ଜନକଲ୍ୟାଣ କରିବା ମଧ୍ୟ ସେମାନଙ୍କ ସାମର୍ଥ୍ୟ ବାହାରେ ଥିଲା । ତେଣୁ ସମସ୍ତଙ୍କୁ ଏକ ଗୋଟିଏ ସୂତ୍ରରେ ବାନ୍ଧି ଧର୍ମରାଜ୍ୟ ସ୍ଥାପନ କରିବା ଜରୁରୀ ହୋଇପଡ଼ିଥିଲା । ଖଣ୍ଡ ଖଣ୍ଡ ହୋଇ ବିଭାଜିତ ଭାରତକୁ ଏକତ୍ର କରିବା, ଏବଂ ଏକ ସ୍ୱୟଂସମ୍ପୂର୍ଣ୍ଣ ରାଷ୍ଟ୍ର ନିର୍ମାଣ କରି ମନୁଷ୍ୟଜାତିକୁ ଏକ ନୂତନ ପଥ ଦେଖାଇବା ଉଦ୍ଦେଶ୍ୟରେ ଭଗବାନ ଶ୍ରୀକୃଷ୍ଣ ଗୁରୁଦାୟିତ୍ୱ ବହନ କରିଥିଲେ।

ସେ ପ୍ରଥମେ ସମସ୍ତ ଧର୍ମବୁଦ୍ଧି ସମ୍ପନ୍ନ ରାଜା ଏବଂ ସାଧାରଣ ଜନତାଙ୍କୁ ଏକତ୍ର କରିବାର ପ୍ରୟାସ କରିଥିଲେ । ଅଙ୍ଗ, ବଙ୍ଗ, କଳିଙ୍ଗ, ସୌରାଷ୍ଟ୍ର, ମଗଧ ଆଦି ଛୋଟ ଛୋଟ ରାଜ୍ୟକୁ ଗୋଟିଏ ସାମ୍ରାଜ୍ୟ ଅଧୀନକୁ ଆଣି ଏକ ଧର୍ମରାଜ୍ୟ ପ୍ରତିଷ୍ଠା କରିବା ଲାଗି ପ୍ରୟାସ କରିଥିଲେ। ଏହାଦ୍ୱାରା ରାଜାମାନେ ଏକତ୍ରିତ ହୋଇଥିଲେ । ନୂଆ ଆଦର୍ଶ ନେଇ ଆସିବାରୁ କିଛି ଲୋକ ଶ୍ରୀକୃଷ୍ଣଙ୍କ ସମର୍ଥନ କଲେ ଏବଂ ଅନ୍ୟ କିଛି ଲୋକ ତାଙ୍କୁ ଘୋର ବିରୋଧ କଲେ । ଏହାପରେ ଶ୍ରୀକୃଷ୍ଣ ମହାଭାରତ ଭଳି ମହାଯୁଦ୍ଧର ସର୍ଜନା ଆରମ୍ଭ କଲେ। ଅଧର୍ମୀଙ୍କ ବିନାଶ କରିବା ସହ ଧର୍ମ ପ୍ରତିଷ୍ଠା କରିବା ଏବଂ ଜନକଲ୍ୟାଣ ପାଇଁ ସମୃଦ୍ଧ ରାଷ୍ଟ୍ରଗଠନ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା। ଧର୍ମଯୁଦ୍ଧରେ ଅଧର୍ମୀଙ୍କ ପରାଜୟ ହେଲା। ଯୁଧିଷ୍ଠିର ଧର୍ମରାଜ୍ୟ ସ୍ଥାପନ କଲେ । ଶ୍ରୀକୃଷ୍ଣ ନିଃସନ୍ଦେହରେ ଧର୍ମଗୁରୁ ଥିଲେ। ସେ ଧର୍ମତତ୍ତ୍ୱ ଜ୍ଞାନ ସାରା ସଂସାରକୁ ଦେଇଗଲେ। ଧର୍ମପଥରେ ଚାଲିବାର ପ୍ରେରଣା ପ୍ରଦାନ କରି ସେ ମାନବ ଜଗତର ଉଦ୍ଧାର କରିଥିଲେ ।

# ଶାନ୍ତି ପାଇଁ ବାସ୍ତୁ ଉପାୟ



- ଘରର ମୁଖ୍ୟ ଦ୍ୱାର ଭିତରକୁ ଖୋଲିବା ଉଚିତ୍ । ବାହାରକୁ ଖୋଲିଲେ ସମସ୍ୟା ଉପୁଜିବାର ଆଶଙ୍କା ରହିଥାଏ ।
- ରୋଷେଇ ଘରର ମୁହଁ ପୂର୍ବ ଆଡ଼କୁ ରହିବା ଉଚିତ୍ ।
- ରୋଷେଇ ଘରେ ଅନ୍ଧାରରେ ଚୁଲି ଜଳାଇବା ଅଶୁଭ ।
- ଘରେ ସୁଖ-ଶାନ୍ତି ବଜାୟ ରଖିବା ଲାଗି ରୋଷେଇ ଘରେ ଗୁଡ଼ ରଖିବା ଆବଶ୍ୟକ ।
- ଦ୍ୱାରରେ ଲାଗିଥିବା କବ୍‌ଜା କବାଟ ଖୋଲିବା ସମୟରେ ଧ୍ୱନି କରୁଥିଲେ, ତାହା ବାସ୍ତୁ ଅନୁଯାୟୀ ଅଶୁଭ ହୋଇଥାଏ ।
- ପ୍ରବେଶ ଦ୍ୱାର ସର୍ବଦା ସଫାସୁତୁରା ରଖିଲେ ମାନ-ସମ୍ମାନ ବୃଦ୍ଧି ହୋଇଥାଏ ।
- ଘରେ ରହିଥିବା ଧର୍ମ ପୁସ୍ତକ, ପିଲାମାନଙ୍କ ବହି ପତ୍ର ଏବଂ ବ୍ୟବସାୟରେ ଉପଯୋଗ ହେଉଥିବା ରେଜିଷ୍ଟରରେ ଶୁଭ ଚିହ୍ନ ଲଗାଇବା ଉଚିତ୍ ।
- ଘରର ମୁଖ୍ୟ ଦ୍ୱାର ଏବଂ ରୋଷେଇ ଘର ସାମ୍ନାସାମ୍ନି ହେବା ଅନୁଚିତ୍ । ଏହାଦ୍ୱାରା ହଜମ ସମ୍ବନ୍ଧୀୟ ରୋଗ ହୋଇଥାଏ ।

# ଚଣା ଡାଲି ବାଦାମଠାରୁ ଅଧିକ ଲାଭଦାୟକ

ପ୍ରତିଦିନ ସକାଳେ ଭିଜା ବାଦାମ ଖାଇବା ବେଶ୍ ଲାଭଦାୟକ । ମାତ୍ର ଭିଜା ବାଦାମଠାରୁ ଚଣା ଡାଲି ଅଧିକ ଲାଭଦାୟକ । ଶସ୍ତାରେ ମିଳୁଥିବା ଚଣା ଡାଲିରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଫ୍ୟାଟ୍, ଫାଇବର, କ୍ୟାଲସିୟମ୍, ଆଇରନ୍ ଏବଂ ଭିଟାମିନ୍ସ ଭରପୁର ମାତ୍ରାରେ ରହିଛି । ଗଜା ଚଣାରେ କ୍ଲୋରୋଫିଲ, ଭିଟାମିନ୍ ଏ, ବି, ସି, ଡି ଏବଂ କେ, ଫସଫରସ, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ମିନେରାଲସ ରହିଛି । ରାତିସାରା ଭିଜାଇ ସକାଳେ ଚଣା ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହେ ।



ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ- ଚଣାରେ ଭିଟାମିନ୍, ମିନେରାଲ୍ସ, କ୍ଲୋରୋଫିଲ୍ ଏବଂ ଫସଫରସ ପର୍ଯ୍ୟାପ୍ତ ପରିମାଣରେ ରହିଛି । ଯାହା ଫଳରେ ପ୍ରତିଦିନ ଭିଜା ଚଣା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ ।

ଡାଏବେଟିସ୍ ପାଇଁ ଲାଭଦାୟକ- ଡାଏବେଟିସ୍ ରୋଗୀ ପ୍ରତିଦିନ ସକାଳେ ୨୫ ଗ୍ରାମ୍ ଭିଜା ଚଣା ଖାଇବା ଲାଭଦାୟକ ହୋଇଥାଏ । ଖାଲି ପେଟରେ ଖାଇଲେ ଡାଏବେଟିସ୍‌ରୁ ଆରାମ ମିଳିଥାଏ ।

କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି- ଚଣା ଡାଲିରେ ଥିବା ଫାଇବର ପାଚନ ପାଇଁ ଲାଭଦାୟକ ହୋଇଥାଏ । ପେଟ ଦରଜ ଓ କୋଷ୍ଠକାଠିନ୍ୟ ସମସ୍ୟା ଥିଲେ ଚଣାରେ ଅଦା, ଜିରା ଏବଂ ଲୁଣ ମିଶାଇ ଖାଆନ୍ତୁ । ଏହାଦ୍ୱାରା ପେଟ ଦରଜ ସମସ୍ୟାରୁ ମୁକ୍ତି ମିଳିଥାଏ ।

ଶକ୍ତି ମିଳିଥାଏ- ପ୍ରତିଦିନ ସକାଳେ ଚଣାରେ ଲେମ୍ବୁ, ଅଦା, ଲୁଣ, ଗୋଲମରିଚ ମିଶାଇ ଖାଇଲେ ଶରୀର ସୁସ୍ଥ ରହିଥାଏ । ଏହାସହ ଦିନରେ କାମ କରିବା ପାଇଁ ଶକ୍ତି ମିଳିଥାଏ ।

ସୁସ୍ଥ ରହିବ ଶରୀର- ପୁରୁଷଙ୍କଠାରେ ଥିବା କୌଣସି ଦୁର୍ବଳତା ପାଇଁ ଚଣା ବେଶ୍ ଲାଭଦାୟକ । ପ୍ରତିଦିନ ସକାଳେ ଭିଜା ଚଣା ଖାଇଲେ ଏହା ଶରୀରକୁ ସୁସ୍ଥ ରଖିବା ସହ ଶକ୍ତି ପ୍ରଦାନ କରିଥାଏ ।

ଆଇରନ୍ ସମସ୍ୟା ଦୂର ହେବ- ଶରୀରରେ ଆଇରନ୍ କମ୍ ଥିଲେ ଚଣା ଖାଇବା ଦ୍ୱାରା ତାହା ଦୂର ହୋଇଥାଏ । ଚଣା ଖାଇବା ଦ୍ୱାରା ଏନିମିଆ ସମସ୍ୟା ମଧ୍ୟ ଦୂର ହୋଇଥାଏ ।

# ଆଲମୀରା ନିକଟରେ ଝାଡୁ ରଖିବା ଉଚିତ ନୁହେଁ









ବାସ୍ତୁର ଏହି ନିୟମ ଗୁଡ଼ିକୁ ପାଳନ କରାଗଲେ ଧନ ସମ୍ବନ୍ଧୀୟ ସମସ୍ୟା ଦୂର ହେବା ସହ ଗୃହରେ ସୁଖଶାନ୍ତି ପ୍ରବେଶ କରିଥାଏ। ପୂର୍ବ ଦିଗରେ ଘରର ସମ୍ପତ୍ତି ଏବଂ ଆଲମୀରା ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ। ଏପରି କରିବା ଦ୍ୱାରା ଧନସମ୍ପତ୍ତିର ବୃଦ୍ଧି ହୋଇଥାଏ । ଆଲମୀରାରେ ଟଙ୍କା ଓ ମୂଲ୍ୟବାନ ଜିନିଷ ରଖାଯାଏ। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଆଲମୀରା ନିକଟରେ ଝାଡୁ ରଖିବା ଉଚିତ ନୁହେଁ। ନକରାତ୍ମକ ଶକ୍ତି ଦୂର କରିବା ପାଇଁ ସପ୍ତାହ ଥରେ ପାଣିରେ ଲୁଣ ପକାଇ ନିଶ୍ଚୟ ଘର ପୋଛନ୍ତୁ। ଏପରି କରିବା ଦ୍ୱାରା ଘରେ ସୁଖଶାନ୍ତିର ଓ ସକରାତ୍ମକ ବାତାବରଣ ସର୍ବଦା ରହିଥାଏ। ପୂଜା ସ୍ଥାନ ଶୟନ କକ୍ଷରେ ରଖନ୍ତୁ ନାହିଁ। ଶୟନ କକ୍ଷରେ ପୂଜାସ୍ଥାନ ଥିଲେ ଘରେ କଳହ ଓ ଆର୍ଥିକ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥାଏ। ଝାଡୁ ଦାନ କଲେ ଅଶୁଭ ଫଳ ପ୍ରାପ୍ତି ହୋଇଥାଏ। ଗୃହର ଐଶାନ୍ୟ କୋଣରେ ଏକ ପାତ୍ରରେ ଲୁଣ ଭର୍ତ୍ତି କରି ରଖନ୍ତୁ। ଏପରି କରିବା ଦ୍ୱାରା ଘରେ ଟଙ୍କାପଇସାର ଅଭାବ ହୋଇନଥାଏ। ଘରର ଗାଧୁଆଘରର କବାଟ ଖୋଲା ରଖନ୍ତୁ ନାହିଁ। ଏପରି କରିବା ଦ୍ୱାରା ଘରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ।

ମହିଳାଙ୍କୁ ସମ୍ମାନ କରନ୍ତୁ : ଯେଉଁ ଘରେ ମହିଳାଙ୍କୁ ସର୍ବଦା ସମ୍ମାନ ଦିଆଯାଏ, ସେଠାରେ ମା'ଲକ୍ଷ୍ମୀ ବାସ କରିଥାଆନ୍ତି । ଦମ୍ପତ୍ତିଙ୍କ ମଧ୍ୟରେ କଳହ ଲାଗି ରହୁଥିଲେ ଏହି ସମସ୍ୟାର ସମାଧାନ ପ୍ରଥମେ କରନ୍ତୁ। କାରଣ କଳହ ଲାଗି ରହିଲେ ମା'ଲକ୍ଷ୍ମୀ କୋପ କରିଥାଆନ୍ତି।

ଶୁକ୍ରବାର ଦିନ ବ୍ରତ କରନ୍ତୁ : ଶୁକ୍ରବାର ଦିନକୁ ମା'ଲକ୍ଷ୍ମୀଙ୍କ ଦିନ ବୋଲି କୁହାଯାଏ। ମା'ଙ୍କ ପାଇଁ ଏହି ବ୍ରତ ରଖି ପୂଜାର୍ଚ୍ଚନା କରିବା ଦ୍‌ୱାରା ମା'ଙ୍କ ବିଶେଷ କୃପା ମିଳିଥାଏ। ଘରେ ସର୍ବଦା ଧନସମ୍ପତ୍ତି ବୃଦ୍ଧି ହୋଇଥାଏ।

ଗୃହର ବାସ୍ତୁ ଦୋଷ ଦୂର କରନ୍ତୁ : ଘରର ବାସ୍ତୁ ସମସ୍ୟା ଥିଲେ ମା'ଲକ୍ଷ୍ମୀ ସେଠାରେ ବାସ କରିନଥାଆନ୍ତି। ବାସ୍ତୁରେ ପ୍ରତ୍ୟେକ ଜିନିଷ ଦିଗ ନିର୍ଦ୍ଧାରିତ ହୋଇ ରହିଛି। ବାସ୍ତୁ ଅନୁଯାୟୀ ପ୍ରତ୍ୟେକ ନିୟମ ମାନି ଏହାର ପାଳନ କରିବା ଦ୍ୱାରା ଗୃହର ବାସ୍ତୁ ଦୋଷ ଦୂର ହୋଇଥାଏ ଓ ମା' ସେହି ଗୃହରେ ସର୍ବଦା ବାସ କରିଥାଆନ୍ତି।

ଜାତକରେ ଶୁକ୍ରଗ୍ରହଙ୍କୁ ମଜଭୂତ ରଖନ୍ତୁ : ଯେଉଁ ବ୍ୟକ୍ତିଙ୍କ ଜାତକରେ ଶୁକ୍ରଗ୍ରହ ସଠିକ ସ୍ଥିତି ଓ ଭଲ ଭାବେ ରହିଥାଆନ୍ତି, ତାଙ୍କ ଉପରେ ମା'ଙ୍କ ଆଶୀର୍ବାଦ ସର୍ବଦା ରହେ ଓ ସେହି ଗୃହରେ ମା'ବାସ କରିଥାଆନ୍ତି। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଶୁକ୍ରଗ୍ରହକୁ ସୁଖସମୃଦ୍ଧିର ଗ୍ରହ କୁହାଯାଏ। ଶୁକ୍ରଙ୍କ ସ୍ଥିତି ଦୁର୍ବଳ ହେଲେ ଟଙ୍କାପଇସାର ସମସ୍ୟା ସୃଷ୍ଟି ହୁଏ।

# ବୈଜ୍ଞାନିକ ସିଦ୍ଧାନ୍ତ ଓ ଶ୍ରୀହରିଙ୍କ ଦଶାବତାର

ଭାରତୀୟ ପୌରାଣିକ ଗ୍ରନ୍ଥରେ ଏପରି କେତେକ ଆଖ୍ୟାନ ବର୍ଣ୍ଣିତ, ଯାହାସବୁ ବୈଜ୍ଞାନିକ ସିଦ୍ଧାନ୍ତ ଉପରେ ଆଧାରିତ । ପୌରାଣିକ କାହାଣୀ ସିଦ୍ଧ କରିଥାଏ ଯେ ବୈଦିକ କାଳରେ ବିଜ୍ଞାନ ଅତ୍ୟନ୍ତ ସମୃଦ୍ଧ



ଥିଲା। ଏହି ବୈଜ୍ଞାନିକ ଆଧାର ହିଁ ସାମାଜିକ ପରିବର୍ତ୍ତନର କାରଣ ସାଜିଥିବା ଦେଖିବାକୁ ମିଳିଥାଏ । ବିଶିଷ୍ଟ ବୈଜ୍ଞାନିକ ଚାର୍ଲସ୍ ଡାରଓ୍ୱିନ୍‌ଙ୍କ 'ବିବର୍ତ୍ତନବାଦ' ବିଷୟରେ ଗଭୀର ଭାବେ ଅଧ୍ୟୟନ କଲେ ଏଥିରେ ଭାରତୀୟ ପୌରାଣିକ କାହାଣୀଗୁଡ଼ିକ ସହ କେତେକ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ। ମନୁଷ୍ୟର କ୍ରମ ବିକାଶ ଜଟିଳ ଜୀବିତ ପ୍ରାଣୀଙ୍କ ଠାରୁ ହୋଇଛି । ଜଳଚର, ସ୍ଥଳଚର ଉଭୟଚର ଆଦି ପ୍ରାଣୀଙ୍କ ସୃଷ୍ଟି ତଥା ବିବର୍ତ୍ତନ ଏକ ପ୍ରାକୃତିକ ତଥା କ୍ରମିକ ପ୍ରକ୍ରିୟା ବୋଲି ଡାରଓ୍ୱିନ୍ କହିଛନ୍ତି । ଭଗବାନ ବିଷ୍ଣୁଙ୍କ ଦଶ ଅବତାର କଥା ନିଆଯାଉ । ସମଗ୍ର ସୃଷ୍ଟି ଜଳମଗ୍ନ ଥିବା ସମୟରେ ଶ୍ରୀହରି ପ୍ରଥମ ଅବତାର ନେଇଥିଲେ । ସେ ପ୍ରଥମେ ମତ୍ସ୍ୟ ଅବତାର ଧାରଣ କରିଥିଲେ। ସେତେବେଳକୁ ପୃଥିବୀ ନଷ୍ଟ ହୋଇସାରିଥିଲା। କିନ୍ତୁ ସେ ମନୁ ଏବଂ ଜୀବ ଓ ପାଦପ ଜଗତର କେତେକ ବିଶେଷ ବସ୍ତୁ ବଞ୍ଚାଇ ରଖିଥିଲେ । ଠିକ୍ ସେହିପରି ଶ୍ରୀହରିଙ୍କ ଅନ୍ତିମ ଅବତାର କଳ୍କି ହେବ । ସେ ଜନ୍ମ ନେବା ବେଳକୁ ସବୁକିଛି ନଷ୍ଟ ହୋଇସାରିଥିବ । ଶ୍ରୀହରି କ୍ରମଶଃ ମତ୍ସ୍ୟ, କଚ୍ଛପ, ବରାହ, ନରସିଂହ, ବାମନ, ପର୍ଶୁରାମ, ଶ୍ରୀରାମ, ଶ୍ରୀକୃଷ୍ଣ ଅବତାର ଧାରଣ କରିଥିଲେ। ସେ କଳ୍କୀ ଅବତାର ନେଲେ କଳିଯୁଗର ଅନ୍ତ ହୋଇଯିବ । ଭଗବାନ ବିଷ୍ଣୁଙ୍କ ଏହି ଅବତାର ସହିତ ଜୀବଜଗତର କ୍ରମବିକାଶ ନେଇ ରହିଥିବା ବୈଜ୍ଞାନିକ ଧାରଣା ସହିତ ମେଳ ଖାଇଯାଇଥାଏ ।

# ୱାଙ୍ଖଡେ ସଂଘର୍ଷ ପରେ କୋଟ୍‌ଲା କମାଲ ଆଶା

ନୂଆଦିଲ୍ଲୀ,୧୧।୨: ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପର ଗ୍ରୁପ୍-ଏ’ ମ୍ୟାଚ୍‌ରେ ଗୁରୁବାର ଆୟୋଜକ ତଥା ପ୍ରମୁଖ ଟ୍ରଫି ଦାବିଦାର ଭାରତ ଅଣ୍ଡରଡଗ୍ ନାମିବ୍ୟାକୁ ଭେଟିବ। ଭାରତ ଏହି ମ୍ୟାଚ୍‌କୁ ନିଜ ବ୍ୟାଟିଂ ବାହିନୀକୁ ସଜାଡିବାର ମାଧ୍ୟମ ଭାବେ ବିବେଚ଼ନା କରିବ। ନବାଗତ ନାମିବ୍ୟା ଅନ୍ୟପକ୍ଷରେ ଭାରତ ଭଳି ବଡ ଦଳ ବିପକ୍ଷରେ ଖେଳିବାର ଅନନ୍ୟ ଅଭିଜ୍ଞତା ସାଉଣ୍ଟିବାର ଅପୂର୍ବ ସୁଯୋଗ ଲାଭ କରିବ। ମ୍ୟାଚ୍ ରାତି ୭ଟାରୁ ଆରମ୍ଭ ହେବ। ଏହି ମ୍ୟାଚ୍ ପରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ହାଇଭୋଲ୍‌ଟେଜ୍ ତଥା ପ୍ରତୀକ୍ଷିତ ଲଢେଇ ଲଢିବ। ସେହିଦୃଷ୍ଟିରୁ ନାମିବ୍ୟା ବିପକ୍ଷରେ ବଡ ବିଜୟ ହାସଲ କରି ଆତ୍ମବଳ ଆହୁରି ବଢାଇବାକୁ ନିଶ୍ଚିତ ଭାବେ ଚ଼ାହିବ।ମୁମ୍ବାଇର ୱାଙ୍ଖଡ ଷ୍ଟାଡିୟମ୍‌ରେ ଖେଳିଥିବା ଆମେରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଭାରତୀୟ ବ୍ୟାଟର୍ ରୀତିମତ ସଂଘର୍ଷ କରିଲେ।

ଏବେକାର ଅରୁଣ ଜେଟ୍‌ଲି ଷ୍ଟାଡିୟମ୍ ଏବଂ ଅତୀତର ଫିରୋଜ ଶାହ କୋଟ୍‌ଲା ଷ୍ଟାଡିୟମ୍‌ରେ ଗୁରୁବାର ସେହି ଭୁଲ୍‌କୁ ସୁଧାରିବା ସୂର୍ଯ୍ୟକୁମାରଙ୍କ ସେନାର ପ୍ରଥମ ଲକ୍ଷ୍ୟ ହେବ। ତେବେ ଯୁବ ଓପନର୍ ଅଭିଷେକ ଶର୍ମା। ପାକସ୍ଥଳୀ ସଂକ୍ରମଣ ପାଇଁ ଡାକ୍ତରଖାନାରେ ଭର୍ତ୍ତି ହେବା ଟିମ୍ ଇଣ୍ଡିଆ ପାଇଁ ଏକ ଶକ୍ତ ଧକ୍କା ହୋଇଛି। ଅଭିଜ୍ଞ ଦ୍ରୁତ ବୋଲର୍ ଯଶପ୍ରୀତ୍ ବୁମ୍‌ରା ଜ୍ୱରରୁ ଆରୋଗ୍ୟ ଲାଭ କରି ଏହି ମ୍ୟାଚ୍‌କୁ ଫେରିବାର ସଙ୍କେତ ଭାରତୀୟ ଦଳ ଦେଇଛି। ସେହିଭଳି ଅଲରାଉଣ୍ଡର୍ ୱାସିଂଟନ୍ ସୁନ୍ଦର ମଧ୍ୟ ପୂରା ଫିଟ୍ ହୋଇଯାଇଛନ୍ତି।



ବୁମ୍‌ରା ଫେରିଲେ ଚୂଡାନ୍ତ ଦଳରୁ କିଏ ବାଦ୍ ପଡିବେ ସେ ପ୍ରଶ୍ନ କିନ୍ତୁ ଘରୋଇ କ୍ରିକେଟ୍‌ପ୍ରେମୀଙ୍କ ମନକୁ ଆନ୍ଦୋଳିତ କରୁଛି। କାରଣ ଆମେରିକା ବିପକ୍ଷ ମ୍ୟାଚ୍‌ରେ ତାଙ୍କ ସ୍ଥାନ ନେଇଥିବା ମହମ୍ମଦ ସିରାଜ ଚ଼ମତ୍କାର ବୋଲିଂ କରିଥିଲେ। ଅଭିଷେକଙ୍କ ଦେହ ଖରାପ ହେବା କିନ୍ତୁ ସଞ୍ଜୁ ସାମସନଙ୍କ ପାଇଁ ଆଉ ଏକ ବରଦାନ ସାବ୍ୟସ୍ତ ହୋଇପାରେ। ଅତୀତରେ ଅଗଣିତ ସୁଯୋଗକୁ ବେକାର ଯିବାକୁ ଦେଇଥିବା ସାମସନ୍ ଦୁର୍ବଳ ନାମିବ୍ୟା ବିପକ୍ଷରେ ଖେଳି ଫର୍ମକୁ ଫେରିଲେ ଏହା ମଧ୍ୟ ଭାରତର ବିଶ୍ୱକପ୍ ଅଭିଯାନକୁ ଅତିରିକ୍ତ ବଳ ଯୋଗାଇବ। ଭାରତୀୟ ବ୍ୟାଟିଂକ୍ରମର ଗଭୀରତାକୁ ମାପିବା ନାମିବ୍ୟା ବୋଲରଙ୍କ ପାଇଁ କାଠିକର ପାଠ ହେବ।

ସେହିଭଳି ଭାରତୀୟ ବୋଲରଙ୍କୁ ପ୍ରହାର କରୀ ବଡ ସ୍କୋର୍ କରିବା ଏହି ଦଳ ପାଇଁ କେଣସି ବଡ ପରୀକ୍ଷାଠାରୁ କିଛି କମ୍ ହେବନି। ବିଶେଷ କରି ଭାରତୀୟ ସ୍ପିନର ବରୁଣ ଚ଼କ୍ରବର୍ତ୍ତୀ ପୂର୍ବରୁ ଭାରତ ବିପକ୍ଷରେ ମାତ୍ର ଗୋଟିଏ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳିଥିବା ନାମିବ୍ୟା ପାଇଁ ବଡ ଆହ୍ୱାନ ସୃଷ୍ଟି କରିପାରନ୍ତି। ୨୦୨୧ ମସିହାର ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ଏକ ମ୍ୟାଚ୍‌ରେ ଉଭୟ ଦଳ ପ୍ରଥମ ଓ ଶେଷ ଥର ଲାଗି ମୁହାଁମୁହିଁ ହୋଇଥିଲେ। ସେହି ମ୍ୟାଚ୍‌ରେ ନାମିବ୍ୟା ୧୩୩ ରନ୍‌ର ଲକ୍ଷ୍ୟ ଦେବା ପରେ ଭାରତ ଏହାକୁ ୯ ୱିକେଟ୍‌ରେ ଜିତି ନେଇଥିଲା। ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ଖେଳିଥିବା ଅଭ୍ୟାସ ମ୍ୟାଚ୍‌ରେ ମଧ୍ୟ ତୃତୀୟସ୍ତରୀୟ ଭାରତୀୟ ଦଳ ନାମିବ୍ୟାକୁ ୧୦୦ରୁ କମ୍ ରନ୍‌ରେ ଅଲ୍‌ଆଉଟ୍ କରି ଦେଇଥିଲା। ଏଣୁ ଭାରତ ପାଇଁ ଏହି ମ୍ୟାଚ୍ ପାକିସ୍ତାନ ବିପକ୍ଷ ମ୍ୟାଚ୍ ପୂର୍ବରୁ ଏକ ଅଭ୍ୟାସ ମ୍ୟାଚ୍ ଭଳି ହେବ ବୋଲି ଅନୁମାନ କରାଯାଉଛି।

## ଦିଲ୍ଲୀରେ ନୂଆ ବିଶ୍ୱସ୍ତରୀୟ କ୍ରିକେଟ୍ ଷ୍ଟାଡିୟମ୍



ନୂଆଦିଲ୍ଲୀ,୧୧।୨: ରାଜଧାନୀ ଦିଲ୍ଲୀରେ ଏକ ନୂଆ ଅତ୍ୟାଧୁନିକ କ୍ରିକେଟ୍ ଷ୍ଟାଡିୟମ୍ ନିର୍ମାଣ କରିବାକୁ ଦିଲ୍ଲୀ କ୍ରିକେଟ୍ ସଂଘ (ଡିଡିସିଏ) ଯୋଜନା କରୁଛି। ଏଥିପାଇଁ ଜମି ଯୋଗାଇବାକୁ ସଂଘ ପକ୍ଷରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଓ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ନିବେଦନ କରାଯାଇଛି। ପ୍ରସ୍ତାବିତ ଷ୍ଟାଡିୟମର ଦର୍ଶକ କ୍ଷମତା ୬୦ରୁ ୭୦ ହଜାର ରହିବ। ଏହି ଷ୍ଟାଡିୟମ ପାଇଁ ସଂଘ ୪ଟି ସ୍ଥାନ ଚ଼ିହ୍ନଟ କରିଛି, ସେଗୁଡ଼ିକ ହେଉଛି ଓଖଲା,ଦ୍ୱାରକା, ନରେଲା ଓ ରୋହଣି। ତେବେ ମେଟ୍ରୋ ଓ ସଡ଼କ ସଂଯୋଗ ତଥା ଉତ୍ତମ ହୋଟେଲ ସୁବିଧା ସ୍ଥାନକୁ ଅଗ୍ରାଧିକାର ଦିଆଯିବ। ୨୦୨୬ ଶେଷ ସୁଦ୍ଧା ଜମି ମିଳିଯିବ ବୋଲି ଡିଡିସିଏ ସଭାପତି ରୋହନ ଜେଟଲି ଆଶା ପ୍ରକାଶ କରିଛନ୍ତି। ଦିଲ୍ଲୀରେ ଥିବା ଅରୁଣ ଜେଟଲି ଷ୍ଟାଡିୟମର ଦର୍ଶକ କ୍ଷମତା ମାତ୍ର ୩୫ ହଜାର ରହିଥିବାବେଳେ ଏହାର ସଂପ୍ରସାରଣ ପାଇଁ ବଳକା ସ୍ଥାନ ନାହିଁ। ଆହୁରି ମଧ୍ୟ ଏହି ଷ୍ଟାଡିୟମ ଭାରତର ଅନ୍ୟତମ ପୁରୁଣା କ୍ରିକେଟ୍ ଷ୍ଟାଡିୟମ ମଧ୍ୟରେ ଅନ୍ୟତମ ଯେଉଁଠାରେ ୧୯୪୮ରୁ କ୍ରିକେଟ୍ ମ୍ୟାଚ୍ ଆୟୋଜନ ହେଉଛି। ୧୯୪୮ରେ ଏଠାରେ ଭାରତ ଓ ୱେଷ୍ଟ ଇଣ୍ଡିଜ୍ ମଧ୍ୟରେ ଏକ ଟେଷ୍ଟ ମ୍ୟାଚ୍ ଆୟୋଜନ ହୋଇଥିଲା।

## ବ୍ୟାଟିଂ-ବୋଲିଂରେ କମାଲ କଲା ଜିମ୍ବାୱେ

ନୂଆଦିଲ୍ଲୀ,୧୧।୨; ଚ଼ଳିତ ଟି-ଟ୍ୱେଣ୍ଟି ବିଶ୍ୱକପରେ ଜିମ୍ବାୱେ ବିଜୟ ସହ ଅଭିଯାନ ଆରମ୍ଭ କରିଛି ।ସୋମବାର ଏସଏସଜି ଗ୍ରାଉଣ୍ଡରେ ଅନୁଷ୍ଠିତ ଗ୍ରୁପ୍ ବି’ର ଏକ ମ୍ୟାଚ୍‌ରେ ଦଳ ୮ ୱିକେଟ୍‌ରେ ଓମାନକୁ ହରାଇଥିଲା । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓମାନ ୧୯.୫ ଓଭରରେ ୧୦୩ ରନ କରି ଅଲ୍ ଆଉଟ୍ ହୋଇ ଯାଇଥିଲା । ଜବାବରେ ଜିମ୍ବାୱେ ୧୩.୩ ଓଭରରେ ୨ ୱିକେଟ୍ ହରାଇ



ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା । ୩ଟି ୱିକେଟ୍ ନେଇ ବିଜୟରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ବ୍‌ଲେସିଂ ମୁଜରବାନି ପ୍ଲେୟାର ଅଫ ଦ ମ୍ୟାଚ୍ ବିବେଚ଼ିତ ହୋଇଥିଲେ ।

ଟସ ଜିତି ଫିଲ୍ଡିଂ ନିଷ୍ପତ୍ତି ନେବା ଜିମ୍ବାୱେ ପାଇଁ ବେଶ୍ ଫଳପ୍ରଦ ରହିଥିଲା । ରିଚ଼ାର୍ଡ ନଗରଭା, ମୁଜରବାନି ଓ ବ୍ରାଡ ଇଭାନ୍ସଙ୍କ ଘାତକ ବୋଲିଂର ମୁକାବିଲା କରି ନପାରି ଓମାନ ୧୦୩ ରନ ମଧ୍ୟରେ ସମସ୍ତ ୱିକେଟ୍ ହରାଇଥିଲା । ଦଳ ପକ୍ଷରୁ ନଦୀମ ଖାନ ୨୦, ବିନାୟକ ଶୁକ୍ଲା ୨୮ ଓ ସୁଫିୟାନ ମେହମୁଦ ୨୫ ରନ କରିଥିଲେ । ଜିମ୍ବାୱେ ପକ୍ଷରୁ ନଗରଭା, ମୁଜରବାନି ଓ ଇଭାନ୍ସ ୩ଟି ଲେଖାଏଁ ୱିକେଟ୍ ନେଇଥିଲେ । ଜିମ୍ବାୱେ ୬.୩ ଓଭର ବାକି ଥାଇ ବିଜୟ ହାସଲ କରିଥିଲା। ଓପନର ବ୍ରାଏନ ବେନେଟ ଓ ମାରୁମାନି ୩୦ ରନ ସଂଗ୍ରହ କରିଥିଲେ । ମାରୁମାନି ୨୧ ରନ କରି ଆଉଟ୍ ହୋଇଥିଲେ । ପରେ ପରେ ଡିୟନ ମାୟର୍ସ ଖାତା ଖୋଲିବା ପୂର୍ବରୁ ପାଭିଲିୟନ ଫେରିଥିଲେ । ଅନ୍ୟ ଓପନର ବେନେଟଙ୍କ ସହ ବ୍ରେଣ୍ଡନ ଟେଲର ମିଶି ୬୮ ରନର ଭାଗିଦାରୀ ଗଠନ କରିଥିଲେ । ଦଳୀୟ ସ୍କୋର ୯୮ ବେଳେ ଟେଲର ୩୧ ରନ କରି ରିଟାୟାର୍ଡ ହର୍ଟ ହୋଇଥିଲେ । ଇଭାନ୍ସ ୪୮ ରନ କରି ଅପରାଜିତ ରହିବା ସହ ଦଳକୁ ବିଜୟୀ କରାଇଥିଲେ ।

## ସେକେଣ୍ଡ ସୁପର ଓଭରରେ ଜିତିଲା ଦ. ଆଫ୍ରିକା, ନିରାଶ ଆଫଗାନିସ୍ତାନ

ଅହମ୍ମଦାବାଦ,୧୯।୨: ଚ଼ଳିତ ଟି-୨୦ ବିଶ୍ୱକପରେ ଅନ୍ୟତମ ରୋମାଞ୍ଚକର ମ୍ୟାଚ୍ ଦେଖିଛନ୍ତି କ୍ରିକେଟ ପ୍ରେମୀ। ପ୍ରଥମେ ମ୍ୟାଚ୍ ଟାଇ। ତା’ ପରେ ସୁପର ଓଭରରେ ପୁଣି ଟାଇ। ଏହାପରେ ଆଉ ଗୋଟିଏ ସୁପର ଓଭର। ଆଉ ଏହି ସୁପର ଓଭରରେ ବାଜି ମାରି ନେଇଛି ଦକ୍ଷିଣ ଆଫ୍ରିକା। ଡବଲ ସୁପର ଓଭରରେ ଆଫଗାନିସ୍ତାନ ଲଢ଼ କରିଥିଲେ ହେଁ ଶେଷରେ ନିରାଶ ହୋଇଛି। ଦ୍ୱିତୀୟ ସୁପର ଓଭର ଜିତିବାକୁ ଆଫଗାନିସ୍ତାନକୁ ୨୪ ରନର ଟାର୍ଗେଟ ମିଳିଥିଲା। ପ୍ରଥମ ଦୁଇ ବଲରେ କୌଣସି ନ ମିଳିବା ସହ ମହମ୍ମଦ ନବିଙ୍କୁ କେଶବ ମହାରାଜ ଆଉଟ କରିଥିଲେ। ଏହାପରେ ରହମନୁଲ୍ଲା ଗୁରବାଜ ୩ ବଲରେ ୩ ଛକା ମାରିଥିଲେ। ଶେଷ ବଲରେ ୬ ରନ ଦରକାର ଥିବା ବେଳେ ସେ ଆଉଟ ହେବା ସହ ଆଫଗାନିସ୍ତାନ ଦୁଃଖଦ ପରାଜୟର ସମ୍ମୁଖୀନ ହୋଇଥିଲା। ମୂଳ ମ୍ୟାଚ୍‌ରେ ମଧ୍ୟ ଗୁରବାଜ ୪୨ ବଲରେ ବିସ୍ଫୋରକ ୮୪ ରନର ଇନିଂସ ଖେଳି ଦଳ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। କିନ୍ତୁ ଆଫଗାନିସ୍ତାନ ପରାସ୍ତ ହୋଇଛି।

ଏହି ପରାଜୟ ସହ ବିଶ୍ୱକପର ସୁପର ୮ରେ ପ୍ରବେଶ କରିବାର ଆଶା ମଧ୍ୟ ଦଳର ଏକପ୍ରକାରର ମଉଳି ଯାଉଛି। ଆଜି ସୁପର ଓଭରରେ ଦକ୍ଷିଣ ଆଫ୍ରିକା ଠାରୁ ହାରିଥିବା ଆଫଗାନିସ୍ତାନ ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲ୍ୟାଣ୍ଡ ଠାରୁ ପରାସ୍ତ ହୋଇଥିଲା। ସେହିପରି ଦକ୍ଷିଣ ଆଫ୍ରିକା ପ୍ରଥମ ମ୍ୟାଚ୍‌ରେ କାନାଡା ଓ ଆଜି ଆଫଗାନିସ୍ତାନକୁ ପରାସ୍ତ କରି ପୂରା ୪ ପଏଣ୍ଟ ହାସଲ କରିଛି।

ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳା ଯାଇଥିବା ଏହି ହାଇଭୋଲଟେଜ ଲଢ଼ ସଂପୂର୍ଣ୍ଣ ରୋମାଞ୍ଚରେ ଭରି ଯାଇଥିଲା। ପ୍ରଥମେ ବ୍ୟାଟିଂ କରୁଥିବା ଦକ୍ଷିଣ ଆଫ୍ରିକା



ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୮୭ ରନ କରିଥିଲା। ୧୮୮ ରନର ବିଜୟ ପିଛା କରୁଥିବା ଆଫଗାନିସ୍ତାନ ରହମନୁଲ୍ଲା ଗୁରବାଜଙ୍କ ୪୨ ବଲରେ ୮୪ ଓ ଶେଷ ଭାଗରେ ନୁର ଅହମଦଙ୍କ ୯ ବଲରେ ୧୫ ରନ ଯୋଗୁ ସମସ୍ତ ୱିକେଟ ହରାଇ ସମାନ ୧୮୭ ରନ କରିଥିଲା।

ମ୍ୟାଚ୍ ଏକଦା ଦକ୍ଷିଣ ଆଫ୍ରିକା ହାତରେ ଥିବା ବେଳେ ଶେଷ ଓଭର ବୋଲିଂ କରୁଥିବା କାଗିସୋ ରବାଡାଙ୍କ ଭୁଲ ଯୋଗୁ ମ୍ୟାଚ୍ ଟାଇ ହୋଇ ଯାଇଥିଲା। ଶେଷ ଓଭରରେ ଆଫଗାନିସ୍ତାନକୁ ୧୩ ରନ ଦରକାର ଥିବା ବେଳେ ହାତରେ କେବଳ ଗୋଟିଏ ୱିକେଟ ରହିଥିଲା।

ପ୍ରଥମ ବଲରେ ସେ ୱିକେଟ ନେଇଥିଲେ ହେଁ ଏହା ନୋ ବଲ ହୋଇଯାଇଥିଲା। ପରବର୍ତ୍ତୀ ବଲରେ ୱାଇଡ ପକାଇଥିଲେ ରବାଡା। ଏହାର ଅର୍ଥ ଶେଷ ୬ ବଲରେ ବିଜୟ ପାଇଁ ଆବଶ୍ୟକ ରନ ୧୨କୁ ଖସି ଯାଇଥିଲା। ପ୍ରଥମ ଲିଗାଲ ବଲ ଡଟ ହୋଇଥିବା ବେଳେ ପରବର୍ତ୍ତୀ ବଲରେ ନୁର ଛକା ମାରିଥିଲେ। ୪ ବଲକୁ ୫ ରନ ଦରକାର ଥିବା ବେଳେ ତୃତୀୟ ବଲ ଡଟ ହୋଇଥିଲା। ପରବର୍ତ୍ତୀ ବଲ ରବାଡା ପୁଣି ନୋ ପକାଇବା ସହ ନୁର ୨ ରନ ହାସଲ କରିଥିଲେ। ୩ ବଲରେ ୨ ରନ ଓ ନୁରଙ୍କ ଆଗରେ ଫ୍ରି ହିଟ ରହିଥିଲେ। ସେ ବଲକୁ ମାରି ଦୁଇ ରନ ନେଉଥିବା ବେଳେ ଅନ୍ୟପଟେ ଥିବା ଫଜଲହକ ଫାରୁକି ରନ ଆଉଟ ହୋଇ ଯାଇଥିଲେ। ଫଳରେ ମ୍ୟାଚ୍ ସୁପର ଓଭରକୁ ଯାଇଥିଲା। ପ୍ରଥମ ସୁପର ଓଭରରେ ଆଫଗାନିସ୍ତାନ ପାଇଁ ଗୁରବାଜ ଓ ଅଜମତୁଲ୍ଲା ଓମରଜାଇ ଦମଦାର ବ୍ୟାଟିଂ କରି ୧୭ ରନ ଯୋଡିଥିଲେ। ଦକ୍ଷିଣ ଆଫ୍ରିକା ୧୮ ରନର ଟାର୍ଗେଟ ନେଇ ପଡିଆକୁ ଓହ୍ଲାଇଥିବା ବେଳେ ସାମ୍ନାରେ ଥିବା ଫଜଲହକ ଫାରୁକି। ତାଙ୍କ ପ୍ରଥମ ବଲରେ ଡାଭିଡ ମିଲର ୧ ରନ ନେବାରୁ ଷ୍ଟ୍ରାଇକ ପାଇଥିଲେ ଡେୱାଲଡ ବ୍ରେଭିସ।

ସେ ପ୍ରଥମ ବଲରେ ଛକା ଓ ଦ୍ୱିତୀୟ ବଲରେ ଆଉଟ ହୋଇଥିଲେ। ୪ର୍ଥ ବଲରେ ଟ୍ରିଷ୍ଟାନ ଷ୍ଟବ୍ସ ଚୌକା ମାରିଥିଲେ। ୫ମ ବଲରେ କୌଣସି ରନ ହୋଇ ନଥିଲା। ଶେଷ ବଲକୁ ଜିତିବା ପାଇଁ ୭ ରନ ଦରକାର ଥିବା ବେଳେ ଷ୍ଟବ୍ସ ଦମଦାର ଛକା ମାରି ପୁଣି ମ୍ୟାଚ୍‌କୁ ଟାଇ କରିଦେଇଥିଲେ।

ଦ୍ୱିତୀୟ ସୁପର ଓଭରରେ ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିଥିଲା। ମିଲର ଓ ଷ୍ଟବ୍ସ ଦମଦାବର ବ୍ୟାଟିଂ କରି ବୋଲିଂ କରୁଥିବା ଓମରଜାଇଙ୍କ ଓଭରରୁ ୨୩ ରନ ଆଦାୟ କରିଥିଲେ। ମିଲର ୨ଟି ଓ ଷ୍ଟବ୍ସ ଗୋଟିଏ ଛକା ମାରିବାରୁ ଦ୍ୱିତୀୟ ସୁପର ଓଭର ପରେ ଆଫଗାନିସ୍ତାନକୁ ୨୪ ରନର ଟାର୍ଗେଟ ମିଳିଥିଲା। କିନ୍ତୁ ଗୁରବାଜଙ୍କ ହ୍ୟାଟ୍ରିକ ଛକା ସତ୍ତ୍ୱେ ଆଫଗାନିସ୍ତାନ ୫ ରନରେ ସୁପର ଓଭରରେ ହାରି ଯାଇଛି।

ମୂଳ ମ୍ୟାଚ୍‌ରେ ଦମଦାର ପ୍ରଦର୍ଶନ କରିବା ସହ ୪ ଓଭରରେ ୨୬ ରନ ଦେଇ ୩ ୱିକେଟ ନେଇଥିବା ଲୁଙ୍ଗି ଏନଗିଡିଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି।

# ବିଜୟରୁ ଅଭିଯାନ ଆରମ୍ଭ କଲା ଅଷ୍ଟ୍ରେଲିଆ

କଲମ୍ବୋ,୧୧।୨: ଚ଼ଳିତ ଟି-୨୦ ବିଶ୍ୱକପ ଫେବୃଆରୀ ୭ରୁ ଆରମ୍ଭ ହୋଇଛି। ବିଶ୍ୱକପରେ ସାମିଲ ହୋଇଥିବା ୨୦ଟି ଦଳ ମଧ୍ୟରୁ ଆଜି(୧୧) ତାରିଖ ମଧ୍ୟରେ ଅତିକମରେ ଗୋଟିଏ ଲେଖାଏ ମ୍ୟାଚ୍ ଖେଳି ସାରିଥିଲେ। ଏପରି କି କିଛି ଦଳ ଦୁଇଟି ମ୍ୟାଚ୍ ମଧ୍ୟ ଖେଳି ସାରିଛନ୍ତି। ହେଲେ ବିଶ୍ୱକପ ଆରମ୍ଭର ୪ ଦିନ ପରେ ଆଜି ନିଜର ପ୍ରଥମ ମ୍ୟାଚ୍ ଖେଳିଛି ଅଷ୍ଟ୍ରେଲିଆ। ୨୦ଟି ଦଳ ମଧ୍ୟରେ ସବୁଠାରୁ ବିଳମ୍ବରେ ନିଜର ପ୍ରଥମ ମ୍ୟାଚ୍ ଅଷ୍ଟ୍ରେଲିଆ ଖେଳିଥିବା ବେଳେ ବିଜୟରୁ ନିଜର ଅଭିଯାନ ଆରମ୍ଭ କରିଛି।



ଆଜି ଦଳ ଆୟର୍ଲ୍ୟାଣ୍ଡକୁ ଏକତରଫା ଭାବେ ୬୭ ରନରେ ହରାଇ ଦେଇଛି। ନିୟମିତ ଅଧିନାୟକ ମିଚେଲ ମାର୍ଶଙ୍କ ବିନା ଆଜି ପ୍ରଥମ ମ୍ୟାଚ୍ ଖେଳୁଥିବା ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ ଓ ପରେ ବୋଲିଂରେ କମାଲ କରି ବାଜିମାତ କରିଛି। ଅସ୍ଥାୟୀ ଅଧିନାୟକ ଟ୍ରାଭିସ ହେଡ୍‌ଙ୍କ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୮୨ ରନ କରିଥିଲା।

ଶ୍ରୀଲଙ୍କାର ଆର ପ୍ରେମଦାସା ଷ୍ଟାଡିୟମରେ ଅଷ୍ଟ୍ରେଲିଆ ପାଇଁ ସର୍ବାଧିକ ସ୍କର କରିଥିଲେ ମାର୍କସ ଷ୍ଟୋଇନିସ। ସେ ୨୯ ବଲରେ ୪୫ ରନର ଇନିଂସ ଖେଳିଛନ୍ତି। ତାଙ୍କ ବ୍ୟତୀତ ଜୋଶ ଇଙ୍ଗଲିସ ୧୬ ବଲରେ ୩୭ ଓ ମ୍ୟାଟ ରେନଶ’ ୩୩ ବଲରେ ୩୭ ରନ କରିଥିଲା। ଟ୍ରାଭିସ ହେଡ ଗୋଟିଏ ଚୌକା ମାରିଥିଲେ ହେଁ ରନ ଆଉଟ ହେବାରୁ ବଡ ସ୍କର କରିପାରି ନଥିଲେ।

ଆୟର୍ଲ୍ୟାଣ୍ଡ ପକ୍ଷରୁ ମାର୍କ ଏଡେର ସର୍ବାଧିକ ୨ଟି ୱିକେଟ ନେଇଥିବା ବେଳେ ମାଥ୍ୟୁ ହୁମ୍‌ଫେରେୟସ, ଜର୍ଜ ଡୋକରେଲ ଓ ହ୍ୟାରୀ ଟେକ୍ଟର ଗୋଟିଏ ଲେଖାଏ ସଫଳତା ପାଇଥିଲେ।

୧୮୩ ରନର ଚ୍ୟାଲେଞ୍ଜ ସ୍କର ନେଇ ପଡିଆକୁ ଓହ୍ଲାଇଥିବା ଆୟର୍ଲ୍ୟାଣ୍ଡ ଆରମ୍ଭରୁ ଅଧିନାୟକ ପଲଷ୍ଟ୍ରିଲିଙ୍ଗ(୧)ଙ୍କୁ ରିଟାର୍ଡ ଆଉଟ ଭାବେ ହରାଇଥିଲା। ଏହାପରେ ଜଣଙ୍କ ପରେ ଜଣେ ବ୍ୟାଟରଙ୍କୁ ନାଥନ ଏଲିସ ଓ ଆଡାମ ଜାମ୍ପା ଘାଇଲା କରି ପ୍ୟାଭିଲିୟନ ପଠାଇଥିଲେ। ଶେଷ ଭାଗରେ ଡୋକରେଲ ୨୯ ବଲରେ ୪୧ ରନ କରିବାରୁ ଆୟର୍ଲ୍ୟାଣ୍ଡ ବହୁତ କଷ୍ଟରେ ୧୧୫ ରନରେ ପହଞ୍ଚି ପାରିଥିଲା।

ଅନ୍ୟମାନଙ୍କ ମଧ୍ୟରେ ଲୋରକାନ ଟୁକେର ୨୪ ଓ ମାର୍କ ଏଡେର ୧୨ ରନ କରିଛନ୍ତି। ଆୟର୍ଲ୍ୟାଣ୍ଡ ପୂରା ୨୦ ଓଭର ମଧ୍ୟ ଖେଳିବାକୁ ସକ୍ଷମ ହୋଇନି। ଦଳ ୧୬.୫ ଓଭରରେ ସମସ୍ତ ୱିକେଟ ହରାଇ ୧୧୫ ରନରେ ଅଲଆଉଟ ହୋଇଯାଇଛି। ଅଷ୍ଟ୍ରେଲିଆ ପକ୍ଷରୁ ନାଥନ ଏଲିସ ୩.୫ ଓଭରରେ ମାତ୍ର ୧୨ ରନ ଦେଇ ୪ ୱିକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମିଳିଛି। ଆଡାମ ଜାମ୍ପା ୪ ଓଭରରେ ୨୩ ରନ ଦେଇ ୪ ୱିକେଟ ଓ ମାଥ୍ୟୁ କୁହନେମାନ ଗୋଟିଏ ସଫଳତା ପାଇଛନ୍ତି ।ଚ଼ଳିତ ବିଶ୍ୱକପରେ ଏହା ଆୟର୍ଲ୍ୟାଣ୍ଡର ଦ୍ୱିତୀୟ ପରାଜୟ। ପ୍ରଥମ ମ୍ୟାଚ୍‌ରେ ଦଳ ବିଶ୍ୱକପର ସହ ଆୟୋଜକ ଶ୍ରୀଲଙ୍କା ଠାରୁ ୨୦ ରନରେ ହାରିଥିଲା। ଆଜି ଦଳ ଅଷ୍ଟ୍ରେଲିଆ ଠାରୁ ୬୭ ରନରେ ଏହି ଦଳ ପରାସ୍ତ ହୋଇଛି।

## ଚକିତ କରିବା ଭଳି ୟୁ-ଟର୍ଣ୍ଣ ନେଲା ବାଂଲାଦେଶ

ଢାକା,୧୨।୨: ବାଂଲାଦେଶର ଅନ୍ତରୀଣ ସରକାରରେ କ୍ରୀଡା ପରାମର୍ଶଦାତା ଭାବେ କାମ କରୁଥିବା ଆସିଫ ନଜରୁଲ ଟି-୨୦ ବିଶ୍ୱକପ ବିବାଦରେ ଚ଼କିତ କରିବା ଭଳି ୟୁ-ଟର୍ଣ୍ଣ ନେଇଛନ୍ତି। ଟି-୨୦ ବିଶ୍ୱକପ(ଟି୨୦ ଡବ୍ଲ୍ୟୁଷୟ ଉଙ୍କକ୍ସ) ୨୦୨୬ରେ ଭାଗ ନ ନେବାର ନିଷ୍ପତ୍ତି ସଂପୂର୍ଣ୍ଣ ଭାବେ ଖେଳାଳି ଓ ବାଂଲାଦେଶ କ୍ରିକେଟ ବୋର୍ଡର ଥିଲା। ଏଥିରେ ସରକାର କୌଣସି ଭୂମିକା ଗ୍ରହଣ କରି ନଥିଲେ ବୋଲି ସେ କହିଛନ୍ତି।

କିନ୍ତୁ ତାଙ୍କର ଏପରି ବୟାନ ସମସ୍ତଙ୍କୁ ଚ଼କିତ କରିଛି। କାରଣ ପୂର୍ବରୁ ସେ କହିଥିଲେ ଯେ ବିଶ୍ୱକପର ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ଖେଳିବାକୁ ବାଂଲାଦେଶ କ୍ରିକେଟ ଟିମ ଭାରତ ନ ଯିବା ନିଷ୍ପତ୍ତି ସଂପୂର୍ଣ୍ଣ ସରକାର ନେଇଛନ୍ତି। ବାଂଲାଦେଶ କ୍ରିକେଟର ଓ ବିସିବି ସହ ଟି-୨୦ ବିଶ୍ୱକପରେ ଭାଗ ନ ନେବା ପାଇଁ ହୋଇଥିବା ବୈଠକରେ ସେ ନିଜେ ଉପସ୍ଥିତ ରହିଥିଲେ।

ବାଂଲାଦେଶ ସରକାର ସୁରକ୍ଷାର ଆଳ କରି ନିଜ ଟିମର ଖେଳାଳିଙ୍କୁ ଭାରତ ପଠାଇ ନଥିଲେ। ସେହିପରି ଏଥିରେ ବାଂଲାଦେଶ କ୍ରିକେଟର ବିଶେଷ କିଛି କହିବାକୁ ସୁଯୋଗ ପାଇ ନଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଜାନୁଆରୀ ୨୨ରେ ଆସିଫ ସର୍ବସମ୍ମୁଖରେ କହିଥିଲେ ଯେ “ସରକାର କାହିଁକି ଏପରି ନିଷ୍ପତ୍ତି ନେଲେ ଓ ପୂରା ଘଟଣା ସମ୍ପର୍କରେ ଏପରି ବୈଠକ ହୋଇଥିଲା। ମୋର ଆଶା ଆଜିର ବୈଠକ ପରେ ଖେଳାଳିମାନେ ସବୁ ବୁଝି ଯାଇଥିବେ। ଏହା ହିଁ ବୈଠକର ଉଦ୍ଦେଶ୍ୟ ଥିଲା। ଏହା ଛଡା ଆଉ କୌଣସି ଆଲୋଚ଼ନା ହୋଇନି। ଆଇସିସି ଠାରୁ ଆମକୁ ନ୍ୟାୟ ମିଳିଲାନି। ଆମେ ବିଶ୍ୱକପ ଖେଳିବୁ କି ନ ଖେଳିବୁ, ସେକଥା ସଂପୂର୍ଣ୍ଣ ଭାବେ ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ।”

ହେଲେ ମଙ୍ଗଳବାର ସେ ଗଣମାଧ୍ୟମକୁ ଦେଇଥିବା ବୟାନରେ ପୂର୍ବ କଥାରୁ ପୂରା ଓହରି ଯାଇଛନ୍ତି। ସେ କହିଛନ୍ତି, “ବିଶ୍ୱକପ ନ



ଖେଳିବାର ଅନୁତାପ ଆଜି ନାହିଁ। ବିଶ୍ୱକପ ନ ଖେଳିବା ନିଷ୍ପତ୍ତି ସଂପୂର୍ଣ୍ଣ ଭାବେ ବିସିବି ଓ ଖେଳାଳିମାନେ ନେଇଥିଲେ। ସେମାନେ ବାଂଲାଦେଶ କ୍ରିକେଟର ସୁରକ୍ଷା, ଲୋକଙ୍କ ସୁରକ୍ଷା ଓ ଜାତୀୟ ସମ୍ମାନକୁ ସୁରକ୍ଷା ଦେବାକୁ ଯାଇ ଏପରି ବଳିଦାନ ଦେଇଛନ୍ତି। ବିଶ୍ୱକପ ନ ଖେଳିବା ନିଷ୍ପତ୍ତିରେ ସରକାର କୌଣସି ଭୂମିକା ଗ୍ରହଣ କରି ନଥିଲେ।” ସୁରକ୍ଷା ଆଳ ଦେଖାଇ ବାଂଲାଦେଶ ତା’ର ମ୍ୟାଚ୍‌ଗୁଡିକ ଭାରତ ବଦଳରେ ଶ୍ରୀଲଙ୍କାରେ ଆୟୋଜନ କରିବାକୁ ଆଇସିସିକୁ କହିଥିଲା। ହେଲେ ଆଇସିସି ତା’ର କୌଣସି କଥା ଶୁଣି ନଥିଲା। ବାଂଲାଦେଶ ଜିଦରେ ଅଟଳ ରହିବାରୁ ଆଇସିସି ଦଳକୁ ପୂରା ବିଶ୍ୱକପରୁ ବାଦ ଦେଇ ସ୍କଟଲ୍ୟାଣ୍ଡକୁ ସାମିଲ କରିଛି।

## ଲକ୍ଷ୍ନୌରେ ଟ୍ରଫି ଜିତିଲା ଓଡିଶା ନାଭାଲ ଟାଟା ଗ୍ରାସ୍‌ରୁଟ୍ ଟିମ୍

ଭୁବନେଶ୍ୱର: ଲକ୍ଷ୍ନୌରେ ଆୟୋଜିତ ୧୪ ବର୍ଷରୁ କମ୍ କେଡି ସିଂହ ବାବୁ ହକି ପ୍ରତିଯୋଗିତାରେ ଓଡିଶା ନାଭାଲ ଟାଟା ହକି (ଓଏନ୍‌ଟିଏଚ୍) ଗ୍ରାସ୍‌ରୁଟ୍ ଟିମ୍ ବିଜେତା ହୋଇଛି। ଫାଇନାଲ୍‌ରେ ଏହି ଓଡିଶା ଭିତ୍ତିକ ଦଳ ୨-୦ ଗୋଲ୍‌ରେ ଆୟୋଜକ ଉତ୍ତରପ୍ରଦେଶ ପରାସ୍ତ କରିଛି। ପୂର୍ବରୁ ଓଡିଶା ଗ୍ରୁପ୍ ପର୍ଯ୍ୟାୟରେ ତ୍ରିପୁରାକୁ ୧୦-୦, ତାମିଲନାଡୁକୁ ୫-୦ ଏବଂ ହୋଲି ୱାଲ୍ଡ ଏକାଡେମି ପଞ୍ଜାବକୁ ୫-୦ ଗୋଲ୍‌ରେ ହରାଇ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଥିଲା। କ୍ୱାର୍ଟରଫାଇନାଲ୍‌ରେ ଓଡିଶା ୪-୨ ଗୋଲ୍‌ରେ ଫ୍ଲିକର ବ୍ରଦର ହରିୟାଣାକୁ ଏବଂ ସେମିଫାଇନାଲ୍‌ରେ ରାଉଣ୍ଡ ଗ୍ଲାସ ଏକାଡେମି ପଞ୍ଜାବକୁ ପରାସ୍ତ କରି ଟ୍ରଫି ଲଢେଇରେ ପହଞ୍ଚିଥିଲା। ‘ଓଏନ୍‌ଟିଏଚ୍’ ଗ୍ରାସ୍‌ରୁଟ୍ ଟିମ୍‌ର ଲଗାତାର ଏହି ସ୍ୱର୍ଣ୍ଣ ବିଜୟରେ ମୁଖ୍ୟପ୍ରଶିକ୍ଷକ ତଥା ଗ୍ରାସ୍‌ରୁଟ୍ ସଂଯୋଜକ ସୁମନ କୁମାର ଚେଧୁରୀ, ସହଯୋଗୀ ପ୍ରଶିକ୍ଷକ ଚ଼ନ୍ଦ୍ରକାନ୍ତ ବାରିକ, ପ୍ରବନ୍ଧକ ଅମିତ ଲୁଗୁନ ଓ ସପୋର୍ଟ ଷ୍ଟାଫ୍ ପୁରଣ କେରକେଟାଙ୍କ ଅବଦାନ ରହିଥିଲା।

## ଅର୍ଜୁନ-ସାନିଆଙ୍କ ବାହାଘରରେ ପିଏମ ମୋଦିଙ୍କୁ ନିମନ୍ତ୍ରଣ

ନୂଆଦିଲ୍ଲୀ,୯।୧: ବିବାହ କରିବାକୁ ଯାଉଛନ୍ତି ଭାରତର କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ଅର୍ଜୁନଙ୍କ ଭାବି ପତ୍ନୀଙ୍କ ନାମ ସାନିଆ। ସଚିନ ତେନ୍ଦୁଲକର ଏବଂ ତାଙ୍କ ପରିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାସଭବନରେ ପହଞ୍ଚିଥିଲେ ସଚିନ। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଅର୍ଜୁନ ଏବଂ ସାନିଆଙ୍କ ବିବାହରେ ଯୋଗଦେବାକୁ ନିମନ୍ତ୍ରଣ କରିଛନ୍ତି । ଏହି ସମୟରେ ସଚିନଙ୍କ ପୂରା ପରିବାର ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଏକ ଫଟୋ ମଧ୍ୟ ଉଠାଇଛନ୍ତି। ଏବେ ଆସନ୍ତୁ ଜାଣିବା ଏହି



ସାକ୍ଷାତ ବିଷୟରେ ସଚିନ ତେନ୍ଦୁଲକର କଣ କହିଛନ୍ତି। ସଚିନ ନ୍ଦୁଲକର ସୋସିଆଲ ମିଡିଆ। ପ୍ଲାଟଫର୍ମ ରେ ତାଙ୍କ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଫଟୋ ସେୟାର କରିଛନ୍ତି ସଚିନ ଟ୍ୱିଟ୍ କରିଛନ୍ତି କି, ଆମେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅର୍ଜୁନ ଏବଂ ସାନିଆଙ୍କ ବିବାହ ଉତ୍ସବରେ ନିମନ୍ତ୍ରଣ କରିବାର ସୌଭାଗ୍ୟ ପାଇଲୁ ଏହି ଯୁବ ଦମ୍ପତିଙ୍କୁ ଆପଣଙ୍କ ଆଶୀର୍ବାଦ ଏବଂ ସୁଚିନ୍ତିତ ପରାମର୍ଶ ପାଇଁ ଧନ୍ୟବାଦ ମୋଦି ଜୀ। କ୍ରିକେଟ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ମଙ୍ଗଳବାର ଦିନ ରାଜଧାନୀ ଦିଲ୍ଲୀରେ କଂଗ୍ରେସ ସାଂସଦ ତଥା ଦଳର ସଂସଦୀୟ ଦଳର ଅଧ୍ୟକ୍ଷା ସୋନିଆ। ଗାନ୍ଧୀଙ୍କୁ ଭେଟିଥିଲେ ସଚିନ ଏବଂ ତାଙ୍କ ପରିବାର ସୋନିଆ। ଗାନ୍ଧୀଙ୍କୁ ତାଙ୍କ ବାସଭବନ, ୧୦ ଜନପଥରେ ଭେଟିଥିଲେ ତାଙ୍କ ପତ୍ନୀ ଅଞ୍ଜଳି ତେନ୍ଦୁଲକର ମଧ୍ୟ ସେମାନଙ୍କ ସହିତ ଥିଲେ ରିପୋର୍ଟ ଅନୁଯାୟୀ, ସୋନିଆ। ଗାନ୍ଧୀଙ୍କୁ ମଧ୍ୟ ବିବାହରେ ନିମନ୍ତ୍ରଣ କରାଯାଇଛି।

## ସ୍ମିଥ୍‌ଙ୍କୁ ଅଷ୍ଟ୍ରେଲିଆର ଡାକରା

କଲମ୍ବୋ,୧୧।୨ :କୋଳଗାତରେ ଆଘାତ ଲାଗି ଅଧିନାୟକ ମିଚେଲ ମାର୍ସ ବୁଧବାରର ଆୟର୍ଲାଣ୍ଡ୍ ବିପକ୍ଷ ମ୍ୟାଚ୍‌ରୁ ବାଦ୍ ପଡିବା ପରେ ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଅଭିଜ୍ଞ ବ୍ୟାଟର୍ ଷ୍ଟିଭେନ୍ ସ୍ମିଥ୍‌ଙ୍କୁ ନିଜ ବିଶ୍ୱକପ୍ ଦଳରେ ସାମିଲ କରିଛି। ଏଥିନେଇ ଆନୁଷ୍ଠାନିକ ଘୋଷଣା ହୋଇ ନଥିଲେ ମଧ୍ୟ ସ୍ମିଥ୍ ଖୁବ୍‌ଶୀଘ୍ର କଙ୍ଗାରୁ ଦଳ ସହ ଯୋଗଦେବେ। ତେବେ ସେ ଅଷ୍ଟ୍ରେଲିଆର ଚୂଡାନ୍ତ ଏକାଦଶରେ ସାମିଲ ହେବା ପୂର୍ବରୁ ଆଇସିସିର ସବୁଜ ସଙ୍କେତ ଦରକାର ପଡିବ। ମାର୍ସଙ୍କ ଅନୁପସ୍ଥିତିରେ ଆୟର୍ଲାଣ୍ଡ୍ ବିପକ୍ଷରେ ମ୍ୟାଟ୍ ରନୱେ’ଙ୍କୁ ନିଜ ଚୂଡାନ୍ତ ଏକାଦଶରେ ସ୍ଥାନ ଦେଇଥିଲା ଅଷ୍ଟ୍ରେଲିଆ । ରେନ୍‌ସ’ ୨୯ବର୍ଷ ବୟସରେ ବିଶ୍ୱକପ୍ ପଦାର୍ପଣ କରିଥିଲେ। ସ୍ମିଥ୍ ନିକଟରେ ବିଗ୍ ବାସ୍ ଲିଗ୍ ଇତିହାସର ଯୁଗ୍ମ ଦ୍ରୁତତମ ଦ୍ୱିଶତକ ହାସଲ କରି ଚ଼ମତ୍କାର ଫର୍ମରେ ଥିବାରୁ କ୍ରିକେଟ୍ ଅଷ୍ଟ୍ରେଲିଆ ତାଙ୍କୁ ମାର୍ସଙ୍କ ସମ୍ଭାବ୍ୟ ବିକଳ୍ପ ଭାବେ ବାଛିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ